# କାଠଗହଳା ହତ୍ୟା ମାମଲା; ପତ୍ନୀହନ୍ତାକୁ ଅଢ଼େଇବର୍ଷ ଜେଲ୍

**ବାରିପଦା, ୨୭ ।୪(ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (୧) ଅଦାଲତରେ ଶନିବାର ସ୍ୱାମୀର ମାଡ଼ରେ ସ୍ତ୍ରୀର ମୃତ୍ୟୁ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସତ୍ୟନାରାୟଣ ପାତ୍ର ଏହି ମାମଲାର ବିଚାର କରି ଅଭିଯୁକ୍ତ ଜଣକୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ୬ ମାସର କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ କାଠଗହଳା ଗ୍ରାମର ପୁଲିନ ମାରାଣ୍ଡି (୨୮)। ସୂଚନାଯୋଗ୍ୟ ଯେ, ପୁଲିନ ମାରାଣ୍ଡିଙ୍କ ସୁନି ମାରାଣ୍ଡିଙ୍କ ସହିତ ପ୍ରେମ ବିବାହ ହୋଇଥିଲା। ଉଭୟ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିବା ବେଳେ ପାରିବାରିକ ହସଖୁସିରେ ଚାଲିଥିଲା। ତେବେ ବିବାହର କିଛି ବର୍ଷ ପରେ ପୁଲିନଙ୍କ ପ୍ରତିଦିନ ହାଣ୍ଡିଆ ପିଇବା ଅଭ୍ୟାସ ଆରମ୍ଭ ହୋଇଥିଲା। ଫଳରେ ସେ ଦିନରାତି ନିଶାଶକ୍ତ ହୋଇ ରହୁଥିବା ବେଳେ ମୂଲ ଲାଗିବାକୁ ଯାଉ ନ ଥିଲେ। ଏନେଇ ଗତ ୨୪.୯.୨୦୨୧ରେ ହାଣ୍ଡିଆ ପିଇବାକୁ ସୁମୀଙ୍କୁ ପୁଲିନ ୨୦ ଟଙ୍କା ମାଗିଥିଲା। ଉକ୍ତ ଦିନ ବର୍ଷା ହେବାରୁ ସ୍ତ୍ରୀ କାମ କରିବାକୁ ଯାଇ ପାରି ନ ଥିବାରୁ ହାଣ୍ଡିଆ ପିଇବାକୁ ଟଙ୍କା ଦେଇ ନ ଥିଲେ; ଯାହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପୁଲିନ ସ୍ତ୍ରୀ ମୁଣ୍ଡକୁ ବାଡେଇ ଦେଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେତ ତାଙ୍କୁ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସୁନିଙ୍କ ପିତା ଟିକା ହାଁସଦା ଶୁଳିଆପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସ୍ୱାମୀ ପୁଲିନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ଅତିରିକ୍ତ ସରକାରୀ ଆଇନଜୀବୀ ପିପି କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବଳଦ ମୃତ

**ମହୁଲଡିହା/ଠାକୁରମୁଣ୍ଡା, ୨୭।୪(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ପଞ୍ଚାୟତ ଅଧୀନ ଜାମୁନାଳିଆ ଗ୍ରାମରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ବଳଦର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଶନିବାର ଅପରାହ୍ଣରେ ରାଇଡିହା ଛକରୁ ଗାଁ



ମଝିକୁ ଆସିଥିବା ବିଦ୍ୟୁତ ତାର ଛିଣ୍ଡି ତଳେ ପଡ଼ିଯାଇଥିଲା। ଏହି ସମୟରେ ସେହି ଗାଁର ମଧୁ ମହାନ୍ତ ଓ ଭଦ୍ରୁ ମହାନ୍ତ ଦେଖି ପଡ଼ିଆରେ ଚରୁଥିବା ବଳଦ ଗୁଡ଼ିକୁ ଘଉଡ଼ାଇ ଦେଇ ଅନୁଭବ କେନ୍ଦ୍ରକୁ ଫୋନ କରିଥିଲେ; ହେଲେ କୌଣସି ଉତ୍ତର ପାଇ ନ ଥିଲେ। ତେବେ ବିଦ୍ୟୁତ ବିଚ୍ଛିନ୍ନ କରିବା ପୂର୍ବରୁ ଡମ୍ବରୁଧର ମହାନ୍ତଙ୍କ ଗୋଟିଏ ବଳଦ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବଳଦର ମୃତ୍ୟୁ ଘଟିଥିଲା। ଖବର ପାଇ ପ୍ରାଣୀ ଚିକିତ୍ସକ ଜୟନ୍ତ ଘଣ୍ଟିଆଳି ପହଞ୍ଚି ତଦନ୍ତ କରି ଫେରିଛନ୍ତି।

# ଡ୍ରିଙ୍କ୍ ଆଣ୍ଡ ଡ୍ରାଇଭ ନେଇ ଚାଳକଙ୍କ ନାଁରେ ମାମଲା; ବାଇକ୍ ଜବତ

**ବାରିପଦା, ୨୭ ।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ନେଇ ପୁଲିସ ପକ୍ଷରୁ ବାରିପଦା ସହରରେ ଗାଡି ମଟର ଯାଞ୍ଚ ପ୍ରକ୍ରିୟା କଡାକଡି କରାଯାଇଛି। ଯାଞ୍ଚ ସମୟରେ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ଜଣେ ମଦ୍ୟପ ଗାଡି ଚାଳକଙ୍କ ବିରୋଧରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭ ନେଇ ମାମଲା ରୁଜୁ କରାଯାଇଛି। ଚାଳକ ଜଣଙ୍କ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ କାଳିକାପୁର ଅଞ୍ଚଳର ଚିନ୍ମୟ ରଥ (୩୩)। ସ୍ଥାନୀୟ ପାଲବଣି ନିକଟସ୍ଥ ଆଶୀର୍ବାଦ ଛକରେ ପୁଲିସ ପକ୍ଷରୁ ଗାଡି ମଟର ଯାଞ୍ଚ ଚାଲିଥିବାବେଳେ ଚିନ୍ମୟ ମଦ୍ୟପ ଅବସ୍ଥାରେ ନିୟମ ଅବମାନନା କରି ଦ୍ରୁତବେଗରେ ବାଇକ ଚାଳନା କରି ଯାଉଥିଲେ। ପୁଲିସ ତାଙ୍କୁ ଅଟକାଇବାକୁ ଯାଞ୍ଚ କରିବାରୁ ସେ ପ୍ରଚୁର ପରିମାଣରେ ମଦ୍ୟପାନ କରି ଗାଡି ଚଳାଉଥିବା ଜଣାପଡ଼ିଥିଲା। ଏ ନେଇ ପୁଲିସ ପକ୍ଷରୁ ଗାଡି ମୋଟର ଚାଳନା ଆଇନ ଅନୁଯାୟୀ ମାମଲା ରୁଜୁ କରି ତାଙ୍କ ବାଇକ ଜବତ କରିଛି। ଏଥି ସହିତ ଚିନ୍ମୟଙ୍କ ବିରୋଧରେ ବାରିପଦା ଟାଉନ ଥାନାରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭ ନେଇ ମାମଲା ରୁଜୁ କରାଯାଇଛି।

# ସୀମାନ୍ତ ଶିକ୍ଷା ସମିତିର ପ୍ରତିଷ୍ଠାତା ସଦସ୍ୟଙ୍କ ବିୟୋଗରେ ଶୋକସଭା



**ଝାରପୋଖରିଆ, ୨୭ ।୮ (ସମିସ):** ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟରେ ସୀମାନ୍ତ ଶିକ୍ଷା ସମିତିର ପ୍ରତିଷ୍ଠାତା ସଦସ୍ୟ ପ୍ରତାପ ଚନ୍ଦ୍ର ଦାସଙ୍କ ଦେହାନ୍ତରେ ଅଧ୍ୟକ୍ଷ ଡ. ବୁଦ୍ଧଦେବ କରଙ୍କ ଆହ୍ୱାନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅଧ୍ୟକ୍ଷ ଡ଼ଃ କର ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ଦାସଙ୍କ ସୀମାନ୍ତ ଶିକ୍ଷା ସମିତିକୁ ଅବଦାନର ସ୍ମୃତିଚାରଣ କରିଥିଲେ। ସୀମାନ୍ତ ମହାବିଦ୍ୟାଳୟ, ସୀମାନ୍ତ ବୈଷୟିକ ମହାବିଦ୍ୟାଳୟ, ଶିକ୍ଷ ତାଲିମ ଅନୁଷ୍ଠାନ, ସୀମାନ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ଯେଉଁ ମହାନ ପୁରୁଷଙ୍କ ପରିକଳ୍ପନାରେ ପ୍ରତିଷ୍ଠିତ ହୋଇଥିଲା ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ଦାସ ଅନ୍ୟତମ। ତାଙ୍କ ବିୟୋଗ ଯୋଗୁଁ ସୀମାନ୍ତ ଶିକ୍ଷାବିକାଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ବାରିପଦାରେ ଶନିବାର ୪୪.୨ ଡିଗ୍ରୀ ତାପମାତ୍ରା; ଅସହ୍ୟ ତାତି

# ଦିନ ୧୦ଟା ପରେ ରାସ୍ତାଘାଟ ଶୂନ୍‌ଶାନ; ଜନଜୀବନ ଅସ୍ତବ୍ୟସ୍ତ







## ସିଭିୟର ହିଟ୍‌ୱେଭ୍ ନେଇ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

**ବାରିପଦା, ୨୭ ।୪(ସମିସ)**

ରାଜ୍ୟର ଉତ୍ତପ୍ତ ସହର ଭାବେ କ୍ରମାଗତଭାବେ ବାରିପଦା ସହର ରେକର୍ଡ କରିଛି। ତେବେ ଶନିବାର ପୁଣି ତାପମାତ୍ରା ବୃଦ୍ଧି ପାଇ ୪୪.୨ ଡିଗ୍ରୀ ପାର ହୋଇଛି। ତାପମାତ୍ରା ସହ ରାଜ୍ୟର ତୃତୀୟ ଉତ୍ତପ୍ତ ସହର ବାରିପଦା ପରିଗଣିତ ହୋଇଛି; ଯାହାକୁ ନେଇ ଅସହ୍ୟ ତାତି ଓ ଗୁଳୁଗୁଳିରେ ଲୋକେ ଆଉଟ ପାଉଟୁ ହେଉଥିବା ବେଳେ ଅଂଶୁଘାତରେ ଆକ୍ରାନ୍ତ ହେଉଛନ୍ତି। ଇତି ମଧ୍ୟରେ ଚଳିତ ବର୍ଷ ପଞ୍ଚମ ଥର ପାଇଁ ବାରିପଦା ରାଜ୍ୟର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇ ସାରିଲାଣି। ଆଗକୁ ତାତି ଆହୁରି ବୃଦ୍ଧି ପାଇବ ବୋଲି ମୟୂରଭଞ୍ଜ ଜିଲ୍ଲାକୁ ଆଗାମୀ ୪ ଦିନ ପାଇଁ ସିଭିୟର ହିଟୱେଭ ରେଡ଼ ୱାର୍ଣ୍ଣିଂ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଛି। ଉକ୍ତ ସମୟରେ ଜିଲ୍ଲାରେ ଆହୁରି ଅସହ୍ୟ ଖରା ଓ ଗୁଳୁଗୁଳି ହେବାର ସମ୍ଭାବନା ଥିବା ବେଳେ ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି; ଯାହାକୁ ନେଇ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନଙ୍କୁ ଏସଆରସି ସୂଚନା ଦେଇଛନ୍ତି। ତାତିକୁ ନେଇ ବାରିପଦା ବାରମ୍ବାର ନିଜ ରେକର୍ଡ ନିଜେ ଭାଙ୍ଗିବାରେ ଲାଗିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସକାଳୁ ଖରାର ପ୍ରକୋପ ନେଇ ତାତିର ପ୍ରକୋପ ଅନେକ ମାତ୍ରାରେ ରହିଥିଲା। ତାପମାତ୍ରା ବୃଦ୍ଧି ପାଇ ଦିନ ୧୧ଟା ପରେ ଘରୁ ବାହାରିବା ଏକ ପ୍ରକାରର ଅସମ୍ଭବ ହୋଇପଡ଼ିଛି। ଏପରିକି ଅସହ୍ୟ ତାତି ଯୋଗୁ ରାସ୍ତାଘାଟ ଦିନ ବେଳେ ଶୂନ୍‌ଶାନ ପଡ଼ିଥିବା ବେଳେ ବାରିପଦା ସହରରେ ଅଘୋଷିତ କର୍ଫ୍ୟୁ ଘୋଷିତ ହେବାପରି ଲାଗୁଛି। ଅନ୍ୟପକ୍ଷେ ରୌଦ୍ରତାପକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀ କାମ ନ ଥିଲେ ଦିନ ୧୧ ପରେ ଘରୁ ନ ବାହାରିବାକୁ କୁହାଯାଇଛି। ଅଂଶୁଘାତ ଚିକିତ୍ସା କରିବା ପାଇଁ ଜିଲ୍ଲାର ସମସ୍ତ ସିଏଚସି ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ସହ ବାରିପଦା ପିଆରଏମ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରାଯାଇଛି। ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ଜଳଛତ୍ର ଖୋଲିବା ପାଇଁ ବ୍ୟବସ୍ଥା ମଧ୍ୟ ହୋଇଛି। ଏଥିସହିତ ଘର ଅଗଣା ଓ ଛାତରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ପାତ୍ରରେ ପାଣି ରଖିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଶିମିଳିପାଳରେ ଭୋଟର ସଚେତନତା କାର୍ଯ୍ୟକ୍ରମ

# ଗଣତନ୍ତ୍ରର ମହାପର୍ବରେ ସାମିଲ ପାଇଁ ଜିଲ୍ଲା ପ୍ରଶାସନର ନିବେଦନ



**ବାରିପଦା, ୨୭ ।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଶତପ୍ରତିଶତ ମତଦାନ କରିବାକୁ ନେଇ ଜିଲ୍ଲା ପ୍ରଶାସନ ତତ୍ପରତା ଜାରି ରହିଛି। ମେ ୨୫ ତାରିଖରୁ ମୟୂରଭଞ୍ଜ ଜିଲ୍ଲାରେ ଉଭୟ ଲୋକସଭା ଓ ବିଧାନସଭା ଲାଗି ନିର୍ବାଚନ ନେଇ ପ୍ରକ୍ରିୟା ଆରମ୍ଭ ହେବ। ଗତ ନିର୍ବାଚନ ଅପେକ୍ଷା ଚଳିତ ଥର ଅଧିକ ସଂଖ୍ୟାରେ ଭୋଟରମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରିପାରିବେ ସେ ନେଇ ଜିଲ୍ଲା ପ୍ରଶାସନ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛି। ଗଣତନ୍ତ୍ରର ମହାପର୍ବ ପାଇଁ ପ୍ରସ୍ତୁତି ଜାରି ରହିଥିବା ବେଳେ ଚଳିତ ଥର ଜନସାଧାରଣ ସମେତ ଯୁବ ଭୋଟରଙ୍କୁ ମତଦାନ ନେଇ ସଚେତନତା ଜାରି ରହିଛି। ଭୋଟରଙ୍କୁ ମତଦାନ କରିବା ନିମନ୍ତେ ଆକର୍ଷିତ କରିବାକୁ ପ୍ରୟାସ ଜାରି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ନିଆରା ପ୍ରୟାସ ଆରମ୍ଭ ହୋଇଛି। ସେହିପରି ମତଦାନ ହାର କମ ରହୁଥିବା ଶିମିଳିପାଳ ଅଭୟାରଣ୍ୟ ବନବାସୀଙ୍କୁ ମତଦାନ ନେଇ ସଚେତନ କରାଯାଇଛି। ଜଙ୍ଗଲ ମଧ୍ୟରେ ରହୁଥିବା ଲୋକେ ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ମୂଲ୍ୟବାନ ମତ ସାବ୍ୟସ୍ତ କରିବାକୁ ସଚେତନ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଉକ୍ତ ଗ୍ରାମରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ପହଞ୍ଚି ଅଧିବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ମହିଳା, ପୁରୁଷ ସମେତ ଜିଲ୍ଲାରୁ ପ୍ରାୟ ୩୮, ୭୫୭ ନୂତନ ଯୁବ ଭୋଟର ପ୍ରଥମ ଥର ଲାଗି ମତଦାନ ସାବ୍ୟସ୍ତ କରିବାକୁ ଯାଉଛନ୍ତି। ଏ ନେଇ ନିର୍ବାଚନ ଆୟୋଗଙ୍କ ଦ୍ୱାରା ମେଗା ଅପିଲ୍ କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଭୋଟରଙ୍କୁ ଆକର୍ଷିତ କରିବା ଲାଗି ପ୍ରୟାସ କରିଛନ୍ତି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣି ମମତାମୟୀ ବିଶ୍ୱାଳ, ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଶ୍ରେଣୀ ମତଦାନ ଅଧିକରୁ ଅଧିକ କରିବାକୁ ସଚେତନ କରାଯାଇଛି। ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି, ସେମାନଙ୍କୁ ବିକାଶର ମୁଖ୍ୟସ୍ରୋତରେ ସାମିଲ ହୋଇ ରହିବା ପାଇଁ ମତଦାନର ଆବଶ୍ୟକତା ବିଷୟରେ ଅତି ସରଳ ଭାଷାରେ ବୁଝାଇଥିଲେ। ଏହି ଅବସରରେ ମତଦାନ ସମ୍ପର୍କରେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଯାହାକି ତାଙ୍କୁ ମତଦାନ କରିବା ପ୍ରତି ସଚେତନତା ସୃଷ୍ଟି କରିବା ସହ ଆକର୍ଷିତ କରିଛି। ଭୋଟରଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣିତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟର ମହତ୍ତ୍ୱ ବାବଦରେ ଏସଭିଇଇପି ନେଇ ବ୍ୟାପକ ଜନସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ନିର୍ବାଚନର ମହତ୍ତ୍ୱ ଏବଂ ଏହି ସାମ୍ବିଧାନିକ ଅଧିକାରର ପ୍ରକୃତ ଉପାଦେୟତା ବିଷୟରେ ଅବଗତ କରାଇବା ପାଇଁ ବିଭିନ୍ନ ଉଦାହରଣ ପ୍ରଦାନ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଥିବା ଗ୍ରାମରେ ବସବାସ କରୁଥିବା ଉକ୍ତ ଭୋଟରଙ୍କୁ ଭୋଟ ଦେଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ଟିକାୟତପୁରରେ ଅଗ୍ନିକାଣ୍ଡ

**କୁଆମରା, ୨୭।୪(ସମିସ):** ଶନିବାର ମଧ୍ୟାହ୍ନରେ ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ଟିକାୟତପୁର ଗ୍ରାମର ଅଗ୍ନିକାଣ୍ଡ ଘଟି ଏକ ବଖରା ସମେତ ଆସବାବପତ୍ର ଜଳିଯାଇଛି। ଗ୍ରାମର ମାଲିକ ରାଜୁ ସିଂ ତାଙ୍କ ସ୍ତ୍ରୀଙ୍କ ସହିତ ବାଲେଶ୍ୱର ଅଞ୍ଚଳକୁ କାମକରିବାକୁ ଯାଇଥିବା ବେଳେ ଘରେ ଛୋଟ ଛୋଟ ପିଲାମାନେ ଥିଲେ। ତେବେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ନିଆଁ ଲାଗି ଯାଇଥିବାର ଅନୁମାନ କରାଯାଉଛି। ମାତ୍ର ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଘର ମଧ୍ୟରେ ଥିବା ସମସ୍ତ ଆସବାସ ପତ୍ର, ଧାନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ। ଖବର ପାଇ ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ପଞ୍ଚାୟତ ସମିତି ସଭ୍ୟ ଦିବାକର ଦାସ ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଅଗ୍ନି ବିପନ୍ନ ଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ମୟୂରଭଞ୍ଜ-ବାଲେଶ୍ୱର ବନ୍ଦୋବସ୍ତ ଅଧିକାରୀ ନିଲମ୍ବିତ



**ବାରିପଦା/ମହୁଲଡିହା, ୨୭ ।୪ (ସମିସ):** ମୟୂରଭଞ୍ଜ-ବାଲେଶ୍ୱର ବନ୍ଦୋବସ୍ତ ଅଧିକାରୀ ତଥା ଠାକୁରମୁଣ୍ଡା ବ୍ଲକର ପୂର୍ବତନ ବିଡିଓ ଶ୍ୟାମସୁନ୍ଦର ଟୁଡୁଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ସେ ପୁରୀ ଜିଲ୍ଲା ପିପିଲି ବ୍ଲକରେ ଥିବା ସମୟରେ ଅନିୟମିତତା ହୋଇଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ଗତ ୨୪ ତାରିଖରେ ସରକାର ନିଲମ୍ବନ କରିଛନ୍ତି। ଶ୍ରୀ ଟୁଡୁ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଠାକୁରମୁଣ୍ଡାରେ ବିଡ଼ିଓ ଭାବେ କାର୍ଯ୍ୟ କରି ପଦୋନ୍ନତି ପାଇ ମୟୂରଭଞ୍ଜ-ବାଲେଶ୍ୱର ବନ୍ଦୋବସ୍ତ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ହେଲେ ପିପିଲି ବ୍ଲକରେ ଥିବା ସମୟରେ ଅନିୟମିତତା ହୋଇଥିବାରୁ ତାଙ୍କ ସହିତ ପିପିଲି ବ୍ଲକର ତତ୍କାଳୀନ ଆକାଉଣ୍ଟସ ଅଧିକାରୀ ଓ କ୍ୟାସିୟରଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। ଏହି ଅନିୟମିତତା ମଧ୍ୟାହ୍ନ ଭୋଜନ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ହେରଫେର ହୋଇଥିବା ସ୍ୱତନ୍ତ୍ର ଅଡିଟରୁ ଜଣାପଡ଼ିଥିଲା। ଏହି ୩ ଜଣଙ୍କ ନିକଟରୁ ୪ କୋଟି ୨୮ ଲକ୍ଷ ୨୩ ହାଜର ୮୭୯ ଟଙ୍କା ଅସୁଲ ପାଇଁ ଚିଠି କରାଯାଇଛି।

## ଅଘୋଷିତ ବିଦ୍ୟୁତ୍ କାଟ କଲାଣି କଲବଲ

# ଅସହ୍ୟ ତାତି ଓ ଗୁଳୁଗୁଳିରେ ଲୋକେ ଅତିଷ୍ଠ; ତେଜୁଛି ଅସନ୍ତୋଷ

**ବାରିପଦା, ୨୭ ।୪(ସମିସ)**



ବାରିପଦା ରାଜ୍ୟର ଉତ୍ତପ୍ତ ସହର ଭାବେ କ୍ରମାଗତ ରେକର୍ଡ କରିଚାଲିଛି। ମୁଣ୍ଡଫଟା ଗ୍ରୀଷ୍ମପ୍ରବାହ ଯୋଗୁଁ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳିରେ ସାଧାରଣ ଜନ ଜୀବନକୁ କଲବଲ କରୁଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କଲାଣି। ଲୋକେ ଗରମରେ ଆଉଟୁପାଉଟ ହେଉଛନ୍ତି। ଗ୍ରୀଷ୍ମ ଋତୁରେ ବିଦ୍ୟୁତ କାଟ ହେବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶ ଥିବା ବେଳେ ଟାଟା ପାୱାର କୌଣସି ଭ୍ରୂକ୍ଷେପ କରୁନାହିଁ। ବାରିପଦାର ତାପମାତ୍ରା ୪୩ ଡିଗ୍ରୀ ପାର କରିଥିବା ବେଳେ ରାତିରେ ପ୍ରତିଦିନ ଅଘୋଷିତ ବିଦ୍ୟୁତ କାଟ ହେଉଥିବା ଅଭିଯୋଗ ହୋଇଛି। ଅଧିକାଂଶ ସମୟରେ ରାତିରେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଫଳରେ ସହରବାସୀ ଛଟପଟ ହେଉଛନ୍ତି। ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ବାରିପଦା ସହରରେ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବାକୁ ବାରମ୍ବାର ମରାମତି କାର୍ଯ୍ୟ ହୋଇଛି। ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ଆଳରେ ଗ୍ରୀଷ୍ମ ଋତୁ ପୂର୍ବରୁ ବାରମ୍ବାର ଦିନତମାମ ବିଦ୍ୟୁତ କାଟ କରି କାର୍ଯ୍ୟ ହେଉଥିବାର ସୂଚନା ଦିଆଯାଇଥିଲା। ଫଳରେ ଗ୍ରୀଷ୍ମପ୍ରବାହ ସମୟରେ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ଯୋଗାଣ ହେବ; କିନ୍ତୁ ତାହା କେବଳ ଟାଟା ପାୱାରର ପ୍ରତିଶ୍ରୁତି ମଧ୍ୟରେ ରହିଗଲା। ଟାଟା ପାୱାର ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ଭିତ୍ତିଭୂମିର ବିକାଶ ନ ହେବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗତ ସପ୍ତାହରୁ ବାରିପଦା ସହର ମଧୁବନ, କୃଷ୍ଣଚନ୍ଦ୍ର ଗୋଲେଇ, ବାରୁଣୀ ରୋଡ, ବାଘରାରୋଡ, ସତ୍ୟସାଇ ଛକ ଆଦି ସହରର ଅନେକ ସ୍ଥାନରେ ଦିନ ଅପେକ୍ଷା ରାତିରେ ବାରମ୍ବାର ବିଦ୍ୟୁତ କାଟ କରାଯାଉଛି। ଏଥିସହିତ ଗ୍ରାମାଞ୍ଚଳରେ ମଧ୍ୟ ସମାନ ଅବସ୍ଥା ଲାଗି ରହିଛି। ଅତ୍ୟଧିକ ଲୋଡ ସହିତ ବିଦ୍ୟୁତ ସବଷ୍ଟେସନ ଗୁଡିକରେ ଥିବା ଆର୍ଥି କାମ କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଯାହାକି ଉପଭୋକ୍ତାଙ୍କୁ ଗ୍ରୀଷ୍ମପ୍ରବାହ ସମୟରେ ଅତିଷ୍ଠ କରିଛି। ଏଥି ସହିତ ବିଦ୍ୟୁତ କାଟ ନେଇ ହେଲ୍ପ ଲାଇନ ନମ୍ବରକୁ ଫୋନ କଲେ ମଧ୍ୟ କେହି ଉଠାଉନାହାନ୍ତି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ମନଇଚ୍ଛା ବିଦ୍ୟୁତ କାଟ କରାଯାଉଛି ବୋଲି ସ୍ଥାନୀୟ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି।



## ଗଜା ଶାଳ ବୋଝେଇ ଟ୍ରାକ୍ଟର ଜବତ



**ନାରଦପୁର,୨୭।୪(ସମିସ):** ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ଅନ୍ତର୍ଗତ ଧୋବାକୁଚୁଡାରେ ଗ୍ରାମରୁ ଆଜି ଶାଳ କାଠ ବୋଝେଇ ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଏକ ଟ୍ରାକ୍ଟର (ନଂ ଓଡି୦୯-୩୭୬୩) ଯୋଗେ ଧୋବାକୁଚୁଡା ଜଙ୍ଗଲରୁ ଗଜା ଶାଳ କାଠକୁ ନେଉଥିବା ସମୟରେ ଖବର ପାଇ ବନବିଭାଗ ଚଢଉ କରି ଉକ୍ତ ଟ୍ରାକ୍ଟର ଓ ଗଜା ଶାଳ କାଠକୁ ଜବତ କରିଛି। ବନ ବିଭାଗକୁ ଦେଖି ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଥିଲା। ଏ ନେଇ ବନ ବିଭାଗ ତଦନ୍ତ ଆରମ୍ଭ କରିଥିବା ଫରେଷ୍ଟ ଗାର୍ଡ କିରାଣୀ ମହାରଣା ପ୍ରକାଶ କରିଛନ୍ତି।

## ବିଜେଡିରେ ଯୋଗଦେଲେ ଶତାଧିକ ଯୁବକ



**ଆନନ୍ଦପୁର,୨୭।୪(ସମିସ):** ସ୍ଥାନୀୟ ବଳରାମପୁର ପଞ୍ଚାୟତର ଚଉଁମୁଇଁ ଗ୍ରାମରେ ଆଜି ବିଜୁ ଜନତା ଦଳର ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। ଗ୍ରାମର ଯୁବଗୋଷ୍ଠୀମାନେ ଏକତ୍ରିତ ହୋଇ ଘସିପୁରା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ରଙ୍କୁ ସ୍ୱାଗତ କରିବା ସହିତ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଇଥିଲେ। ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରାଙ୍କ ତତ୍ତ୍ୱାବଧାନରେ ଚକ୍ରଧର ଜେନା, ବିଷ୍ଣୁ ଚରଣ ଜେନା, ଆଲୋକ କୁମାର ଜେନା, ଚନ୍ଦନ ଜେନା, ମଳୟ ଜେନା, କ୍ଷୀରୋଦ ଜେନା, ବିକ୍ରମ ଜେନା, ଗୟାଧର ମଲିକ, ଚଗୁଲୁ ଜେନା, ତପନ ଜେନା, କମଳା ଜେନାଙ୍କ ସମେତ ଶତାଧିକ ଯୁବକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ଶୈଳଙ୍ଗ ଛକରୁ ପଶ୍ଚିମବଙ୍ଗର ଯୁବକ ଉଦ୍ଧାର

**ଆନନ୍ଦପୁର, ୨୭।୪(ସମିସ):** ଆନନ୍ଦପୁର ପୌରାଞ୍ଚଳର ଶୈଳଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଇତଃସ୍ତତ ଭାବେ ବୁଲୁଥିବା ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ଯୁବକଙ୍କୁ ସ୍ଥାନୀୟ ଯୁବଗୋଷ୍ଠୀମାନେ ଠାବ କରିବା ପରେ ତାଙ୍କୁ ସହଯୋଗର ହାତ ବଢାଇଛନ୍ତି। ପଶ୍ଚିମବଙ୍ଗ ମେଦିନାପୁର ଜିଲାର ସଚୋଟତା ଅଞ୍ଚଳର ଏହି ଯୁବକ ଆଜକୁ ଗତ ୨ ସପ୍ତାହ ଧରି ଏଣେତେଣେ ବୁଲୁଥିବାରୁ କେତେକ ଯୁବକଙ୍କ ଦୃଷ୍ଟିକୁ ଆସିଥିଲା। ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରାଙ୍କ ସମେତ କେତେକ ଯୁବକ ଘୁରିବୁଲୁଥିବା ଯୁବକଙ୍କୁ ଉଦ୍ଧାର କରି ତାଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ସେ ସାମାନ୍ୟ ମାନସିକ ସ୍ଥିତି ହରାଇଥିବା ପରି ମନେ ହେବାରୁ ତାଙ୍କୁ ଖିଅର କରି ସ୍ନାନ ଶୌଚ କରାଇବା ପରେ ନୂଆ ପ୍ୟାଣ୍ଟସାର୍ଟ ପିନ୍ଧାଇ ଖାଦ୍ୟ ଖୁଆଇଥିଲେ। ପରେ ଏହି ଯୁବକଜଣକ ସେହି ଅଞ୍ଚଳରେ ଜଣେ ସୁସ୍ଥ ମଣିଷ ଭାବେ ବିଚରଣ କରୁଥିବା ଓ ପଶ୍ଚିମବଙ୍ଗର ନିଜ ଗାଁକୁ ଫେରିଯିବାକୁ ସହାୟତା ଲୋଡିଥିବା ଜଣାଯାଇଛି।

● ତେଲକୋଇରୁ ଫକୀରମୋହନ

## ଡାକ୍ତରରୁ ହେଲେ ବିଜେପି ପ୍ରାର୍ଥୀ



**ତେଲକୋଇ,୨୭।୪(ସମିସ):** ବହୁଦିନର କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଭାରତୀୟ ଜନତା ପାର୍ଟି ତେଲକୋଇରେ ପ୍ରାର୍ଥୀ ଘୋଷଣା କରିଛି। ଡାକ୍ତର ଚାକିରି ଛାଡି ରାଜନୀତିରେ ପାଦ ଦେଇଥିବା ଡା. ଫକୀର ମୋହନ ନାଏକଙ୍କୁ ବିଜେପି ତେଲକୋଇରେ ବିଧାୟକ ପ୍ରାର୍ଥୀ କରିଛି। ଡାକ୍ତର ଫକୀର ମୋହନ ନାଏକ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇଥିବା ବେଳେ ସେ ପୂର୍ବରୁ ବିଭିନ୍ନ ଶାଖା ସଂଗଠନରେ କାର୍ଯ୍ୟ କରି ଆସୁଥିଲେ। ତେବେ ଡାକ୍ତରଙ୍କୁ ଟିକଟ ପ୍ରଦାନକୁ ନେଇ କାଳିଆହତା ତଥା ହରିଚନ୍ଦନପୁରରେ ଲୋକମାନେ ବାଣ ଫୁଟାଇ ଉତ୍ସବ ପାଳନ କରିଛନ୍ତି।

## ଘସିପୁରାରେ ପ୍ରାର୍ଥୀ ପାଉନି ବିଜେପି

**ଆନନ୍ଦପୁର,୨୭।୪(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀରେ ବିଜେଡି ବଦ୍ରୀନାରାୟଣ ପାତ୍ର ଓ କଂଗ୍ରେସ ସୁବ୍ରତ ଚକ୍ରଙ୍କ ନାମ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେପି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଶନିବାର ବିଜେପି ୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏଥିରେ କେନ୍ଦୁଝରର ଜିଲ୍ଲା ବାକିଥିବା ୩ ଆସନ ମଧ୍ୟରୁ ତେଲେକୋଇ ଓ ଚମ୍ପୁଆ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ହେଲେ ଘସିପୁରା ଆସନକୁ ଛାଡ଼ି ଦେଇଛି।

ସାମାଜିକ ଗଣମାଧ୍ୟମରେ ଘସିପୁରା ପାଇଁ କିଛି ନୂଆ ନାଁ ଚର୍ଚ୍ଚା ହେଉଥିବା ବେଳେ ଆଶାୟୀ ଭାବେ ପୃଥ୍ୱୀରାଜ କୁଅଁର, ଶମ୍ଭୁନାଥ ରାଉତ, ଯଜ୍ଞପ୍ରସାଦ ସାହୁ, ସନ୍ତୋଷ ରାଉତଙ୍କ ଭଳି ନାମ ଚର୍ଚ୍ଚା ହେଉଛି। ତେବେ କିଏ ଘସିପୁରାରେ ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହେଉନଥିବା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### ଗୁଣ୍ଡ ବଦଳରେ ଖଣ୍ଡ ଲୁହାପଥର ପରିବହନ ମାମଲା

# ୨୫ ଟ୍ରକ୍ ଖସିଗଲେ; ୮ ଖସାଇଦେବାକୁ ଉଦ୍ୟମ

ଯୋଡା, ୨୭।୪ (ସମିସ)



ଅବୈଧ ଲୁହାପଥର କାରବାରର ଗୁମର ଧିରେ ଧିରେ ଖୋଲୁଛି। ଯୋଡା ଖଣି ମଣ୍ଡଳ ଅଧୀନ ଖଣ୍ଡବନ୍ଧସ୍ଥିତ ଓଡିଶା ଖଣି ନିଗମ ଖଣିରୁ ଲୁହାପଥର ଗୁଣ୍ଡ ବଦଳରେ ଲୁହାପଥର ଖଣ୍ଡ ପରିବହନ ହେଉଥିବା ଖବର ନଜରକୁ ଆସିବା ପରେ ଖଣି ବିଭାଗ ପକ୍ଷରୁ ନୟାଗଡ ଓଜନ କଣ୍ଟାରେ ଚଢ଼ଉ ହୋଇଥିଲା। ଏଥିରେ ଲୁହାପଥର ଖଣ୍ଡ ବୋଝେଇ ହୋଇଥିବା ୮ଟି ଟ୍ରକ୍‌କୁ ଖଣି ବିଭାଗ ୩ ଦିନ ହେଲା ଜବତ କରି ରଖିଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଏହି ଚଢ଼ଉ ସମୟରେ ଖବର ପାଇ ଖଣିରେ ୨୫ରୁ ଉର୍ଦ୍ଧ୍ୱ ଟ୍ରକ୍‌ରେ ବୋଝେଇ ହୋଇଥିବା ଲୁହାପଥର ଗୁଣ୍ଡ ବଦଳରେ ଖଣ୍ଡକୁ ଅତ୍ୟନ୍ତ ଚତୁରତାର ସହିତ ସମ୍ପୃକ୍ତ ଠିକାଦାର ଖଣି ଭିତରେ ଖଲାସ କରି ଅବୈଧ ଲୁହାପଥର ବୋଝେଇ ଟ୍ରକ୍‌କୁ ଖସାଇ ଦିଆଯାଇଥିଲା। ଏହି ୮ଟି ଅବୈଧ ଲୁହାପଥର ବୋଝେଇ ଟ୍ରକକୁ ଖଣି ବିଭାଗ ଜବତ କରିଥିଲେ ମଧ୍ୟ ଏହାକୁ ଏବେ ଖସାଇଦେବା ପାଇଁ ଉଦ୍ୟମ ହେଉଥିବା ଜଣାପଡିଛି। ଏହି ଅବୈଧ ଲୁହାପଥର କାରବାର ଦୀର୍ଘ ଦିନରୁ ଚାଲିଆସୁଥିବା ବେଳେ ପୂର୍ବରୁ କେତେ ଟ୍ରକ ଲୁହାପଥର ଏହି ଖଣିରୁ ଅବୈଧ ଉପାୟରେ ପରିବହନ କରାଯାଇଛି ତାହାର କୌଣସି ହିସାବ ଖଣି ବିଭାଗ ପାଖରେ ନାହିଁ। ଲୁହାପଥର ଖଣ୍ଡର ଦର ଲୁହାପଥର ଗୁଣ୍ଡ ଦର ଠାରୁ ପ୍ରାୟ ୩ ଗୁଣ ହୋଇଥିବା ବେଳେ ସରକାର ଏହି ବାଟରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଇଥିବା ଜଣାପଡିଛି। ଏହି ବଡ ଧରଣର ଦୁର୍ନୀତିରେ ଖଣି ବିଭାଗ ସମେତ ମୁଖ୍ୟ ପରିବହନ ଠିକାଦାର ନାରାୟଣି ସନ୍ସ ପ୍ରାଃ ଲିଃ (ଏନ୍‌ଏସପିଏଲ୍), ଟ୍ରକ୍ ମାଲିକ ଏବଂ ରପ୍ତାନୀକାରି ସଂସ୍ଥା ସମ୍ପୃକ୍ତ ଥିବା ଜଣାପଡିଛି। ନରାୟଣି ସନ୍ସ ପ୍ରାଃ ଲିଃ ନାମକ ଏହି ସଂସ୍ଥା ଜଜାଙ୍ଗ ଖଣି, ଓଏମ୍‌ସି, ସେଲ୍ (କାଲତା) ପ୍ରଭୃତି ଅଞ୍ଚଳରେ ଖଣିଜ ଉତ୍ତୋଳନ, ପରିବହନ କାର୍ଯ୍ୟ କରିଆସୁଥିବା ବେଳେ ଅବୈଧ ଲୁହାପଥର କାରବାରରେ ତାଙ୍କର ସମ୍ପୃକ୍ତ ଦୀର୍ଘ ଦିନରୁ ରହିଆସିଛି। ଗୁରୁବେଡା ଠାରେ ଏହି ନାରାୟଣି ସନ୍ସ ନାମରେ ଏକ ଲୁହାପଥର ଖଣି ରହିଥିବା ବେଳେ ଖଣିଟି ଦୀର୍ଘ ଦିନ ହେବ ବନ୍ଦ ରହିଥିଲେ ମଧ୍ୟ ସେଠାରେ ଲକ୍ଷ ଲକ୍ଷ ଟନ ପରିମାଣର ଲୁହାପଥର ଏବେବି ଗଚ୍ଛିତ ରହିଛି। ଉକ୍ତ ଲୁହାପଥର ଉପରେ ଅନାବନା ଗଛ ଉଠିଯାଇଥିଲେ ମଧ୍ୟ ଏହା ଚୋରା ଲୁହାପଥର ଚାଲାଣର ପେଣ୍ଠସ୍ଥଳି ପାଲଟିଛି। ତେବେ ଖଣି ବିଭାଗ ଏତେ ପରିମାଣର ଲୁହାପଥର ଗଚ୍ଛିତ ଥିବା ଜାଣି ମଧ୍ୟ ଉକ୍ତ ଲୁହାପଥରକୁ ଜବତ ନକରିବା ପଛରେ ଅନେକ ରହସ୍ୟ ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଖଣି ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥା ପ୍ରତି କୋହଳ ମନୋଭାବ ଖଣି ଅଞ୍ଚଳରେ ଅବୈଧ କାରବାରକୁ ପ୍ରୋତ୍ସାହିତ କରିଆସୁଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏଥିରେ ସମ୍ପୃକ୍ତ ସମସ୍ତ ଅବୈଧ ବ୍ୟବସାୟୀଙ୍କ ମୁଖା ଖୋଲିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଅବୈଧ କାରବାର ନେଇ ନାରାୟଣି ସନ୍ସର ମ୍ୟାନେଜର ବିଜୟ ଦାସଙ୍କୁ ପଚାରିବାରୁ ତାଙ୍କ କମ୍ପାନୀର କୌଣସି ତ୍ରୁଟି ନଥିବା କହିବା ସହ ଏହା ଓଏମ୍‌ସି ଖଣି କର୍ତ୍ତୃପକ୍ଷଙ୍କ ତ୍ରୁଟି ବୋଲି ସେ କହିଛନ୍ତି। ଯୋଡା ଖଣି ଉପନିର୍ଦ୍ଦେଶକ ତାଙ୍କ ପ୍ରତିକ୍ରିୟା କହିଛନ୍ତି ଯେ, ଜବତ ଟ୍ରକ ଗୁଡିକର ତଦନ୍ତ ଚାଲିଛି, ତଦନ୍ତ ପରେ ସଠିକ୍ ତଥ୍ୟ ଜଣାପଡିବ ବୋଲି ସୂଚନା ଦେଇଛନ୍ତି।

## ଚମ୍ପୁଆରେ ତିନି ଦଳର ପ୍ରାର୍ଥୀ ଚୂଡ଼ାନ୍ତ







**ବଡ଼ବିଲ,୨୭।୪(ସମିସ):** ରାଜ୍ୟ ରାଜନୀତିରେ ବହୁଚର୍ଚ୍ଚିତ ଚମ୍ପୁଆ ଆସନରେ ୩ ଦଳ ତାର ପ୍ରାର୍ଥୀ ଚୂଡାନ୍ତ କରିଛି। ପୂର୍ବରୁ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ନାମ ଘୋଷଣା କରିଥିବା ବେଳେ ଶନିବାର ବିଜେପି ପକ୍ଷରୁ ମୁରଲୀ ମହୋହର ଶର୍ମାଙ୍କୁ ପୁନଃ ପ୍ରାର୍ଥୀ କରାଯାଇଛି। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସନାତନ ମହାକୁଡ଼କୁ ପ୍ରାର୍ଥୀ କରାଯାଇଥିବା ବେଳେ କଂଗ୍ରେସ ପୂର୍ବତନ ବିଜେଡି ସାଂସଦ ଯଶୋବନ୍ତ ଲାଗୁରୀଙ୍କୁ ପ୍ରାର୍ଥୀ କରିଛି। ପ୍ରାର୍ଥୀ ଚୂଡ଼ାନ୍ତ ପରେ ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବ ବୋଲି ସ୍ପଷ୍ଟ ହୋଇଛି। ବିଜେଡିର ଅନ୍ୟତମ ଦାବିଦାର କୁଶ ଆପଟଙ୍କୁ ଜିଲ୍ଲା ସଭାପତି କରାଯିବା ପରେ ଗତକାଲି କୁଶ-ସନା ଏକାଠି ହୋଇ ଦଳ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ତେବେ କଂଗ୍ରେସ ଦୁର୍ନୀତିରେ ଜଡିତ ହୋଇ ବିଜେଡିରୁ ବିଦା ହୋଇଥିବା ପୂର୍ବତନ ସାଂସଦ ଯଶୋବନ୍ତ ଲାଗୁରୀଙ୍କୁ ଭରସା କରିଥିବା ବେଳେ ବିଜେପି ଶେଷରେ ଗତ ୨ଟି ନିର୍ବାଚନରେ ପରାଜୟ ବରଣ କରିଥିବା ମୁରଲୀ ମନୋହର ଶର୍ମାଙ୍କୁ ଟିକଟ ଦେଇଛି। ସନାତନ ୨୦୦୯ ରେ କଂଗ୍ରେସରୁ ପ୍ରତିଦ୍ୱନ୍ଦିତା କରି ସ୍ୱାଧୀନ ପ୍ରାର୍ଥୀ ଜିତୁ ପଟ୍ଟନାୟକଙ୍କ ଠାରୁ ପରାଜିତ ହେବା ପରେ ୨୦୧୪ରେ ସ୍ୱାଧୀନ ଭାବେ ଲଢ଼ି ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

## ଦୁଷ୍କର୍ମ ଉଦ୍ୟମକାରୀକୁ ୫ବର୍ଷ ଜେଲ୍

**କେନ୍ଦୁଝର,୨୭।୪(ସମିସ):** କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଦୈତାରୀ ଥାନା ଅନ୍ତର୍ଗତ ଚମ୍ପାନଗର ଗ୍ରାମର ୩୫ ବର୍ଷ ବୟସ୍କ ଯୁବକ ଜଣେ ୧୦ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ପକ୍‌ସୋ ଧାରା ୧୦ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୩ ମାସର ସଶ୍ରମ କାରାଦଣ୍ଡର ଆଦେଶ ଶୁଣାଇବା ସହ ପୀଡ଼ିତାକୁ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଲିଗାଲ ଏଡ୍‌କୁ ସୁପାରିସ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୧୮ ଅଗଷ୍ଟ ୨୨ ତାରିଖରେ ସ୍କୁଲ ଛୁଟି ଥିବାରୁ ପୀଡ଼ିତା ଗାଈ ଚରାଇବା ପାଇଁ ଯାଇଥିଲା। ଜଙ୍ଗଲରେ ଗାଈ ଚରାଉଥିବା ସମୟରେ ୧୦ ବର୍ଷିୟା ନାବାଳିକାକୁ ଏକୁଟିଆ ପାଇ ଚମ୍ପାନଗର ଗ୍ରାମର ଅଭିଯୁକ୍ତ ସୁରେଇ ନାଗ ଦୁଷ୍କର୍ମ କରିବା ଉଦ୍ଦେଶ୍ୟରେ ଜଙ୍ଗଲ ଭିତରକୁ ଉଠାଇ ନେଇଥିଲା। ଉଦ୍ୟମବେଳେ ନାବାଳିକା କାନ୍ଦିବାରୁ ତାକୁ ଛାଡି ଦେଇ ଏକଥା କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା। ନାବାଳିକା ଘରକୁ ଫେରି ତା'ର ମାଉସୀକୁ ଘଟଣା ବିଷୟରେ କହିବାରୁ ତା'ର ମାଉସୀ ନାବାଳିକାର ବାପା ଓ ମାଆକୁ କହିବାରୁ ନାବାଳିକାର ବାପା ତା' ପରଦିନ ଦୈତାରୀ ଥାନାରେ ଅଭିଯୋଗ କରିଥିଲେ। ଏହା ଆଧାରରେ ଦୈତାରୀ ଥାନା କେଶ ନଂ ୪୫/୨୦୧୮ ରେ କେଶ ରୁଜୁ ହୋଇ ପୀଡିତାର ବୟାନ ନେଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଶନିବାର ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଉକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ।

### ବାଇକ୍‌କୁ ଧକ୍କା ଦେଲା ବୋଲେରୋ

## ମା' ମୃତ; ପୁଅ ଗୁରୁତର

**ତୁରୁମୁଙ୍ଗା,୨୭।୪(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଉଖୁଣ୍ଡା ରାସ୍ତାର ବାଉଁଶୁଳି ହନୁମାନ ଛକ ନିକଟରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣାରେ ମା'ର ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଛି। ମୃତକ ହେଲେ ବାଉଁଶୁଳି ଗ୍ରାମର ଶଙ୍କାରୀ ମୁଣ୍ଡା(୪୫) ଗୁରୁତର ପୁଅ ହେଲେ ବିଜୟ ମୁଣ୍ଡା। ଉଭୟ ବାଇକ ଯୋଗେ ଘରକୁ ଯାଉଥିବା ସମୟରେ ଏକ ବୋଲେରୋ ତାଙ୍କ ବାଇକ୍‌କୁ ପଛ ପଟରୁ ଧକ୍କା ଦେଇ ଦ୍ରୁତ ଗତିରେ ଉଖୁଣ୍ଡା ଆଡ଼କୁ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ସହାୟତାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ମା'ଶଙ୍କାରୀ ମୁଣ୍ଡାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁରୁମୁଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମହୁଲୀ ମଦ ଜବତ; ୨ ଗିରଫ



**ତୁରୁମୁଙ୍ଗା,୨୭।୪(ସମିସ):** କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶରେ ଶନିବାର ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ଅବକାରୀ ବିଭାଗ ଚଢଉ କରି ୧୦ ଲକ୍ଷରୁ ଉଦ୍ଧର୍ ଟଙ୍କାର ମହୁଲି ମଦ ଜବତ କରି ମହୁଲ ପୋଚ ନଷ୍ଟ କରିବା ସହ ମଦ ରନ୍ଧା ସରଞ୍ଜାମ ଜବତ କରିଛି। ୫ଟି ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ହୀରାପଶି ଗ୍ରାମର ପଦ୍ମ ମାଝୀ(୪୩) ଓ ବାଲିସାହି ଝରଣା ମାଝୀ (୨୭)। ପଦ୍ମଙ୍କ ପାଖରୁ ଏକ ବାଇକ୍ ଜବତ କରିଛି ଅବକାରୀ ବିଭାଗ ଦୀର୍ଘ ଦିନ ଧରି ହୀରାପଶି ଗ୍ରାମରେ ଥିବା ଏକ ପୋଖରୀ କୂଳରେ ବେଆଇନ ଭାବରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯାଉଥିବା ଅଭିଯୋଗରେ ଏହି ଚଢଉ କରାଯାଇଥିଲା। ଏହି ଚଢ଼ଉରେ ମାଜିଷ୍ଟ୍ରେଟ ଭାବରେ ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍ ପ୍ରବୀଣ ପ୍ରଧାନ ଏ ସ୍ପେଶାଲ୍ ଏନ୍‌ଫୋର୍ସମେଣ୍ଟ ୟୁନିଟ୍‌ର ଡେପୁଟି ସୁପରିଣ୍ଟେଡେଣ୍ଟ ଦିବ୍ୟରଞ୍ଜନ ଦୀପଙ୍କ ସହିତ ଜିଲ୍ଲା ମୋବାଇଲ୍ ୟୁନିଟ୍ ଅବକାରୀ ଇନ୍ସପେକ୍ଟର ଚନ୍ଦନ କୁମାର ମଣ୍ଡଳ ଏବଂ ସଦର ଇନିସ୍ପେକ୍ଟର ବେଣୁଧର ସାମଲଙ୍କ ସମେତ ପାଟଣା, ସଦର, ଝୁମ୍ପୁରା, ଚମ୍ପୁଆ ଅବକାରୀ କର୍ମଚାରୀଙ୍କ ସହ ୩ ପ୍ଲାଟୁନ ପୁଲିସ ଫୋର୍ସ ସମେତ ତୁରୁମୁଙ୍ଗା ଥାନା କର୍ମଚାରୀ ସାମିଲ ଥିଲେ। ଚଢଉ ସମୟରେ ୨୨୭୫ ଲିଟର ମହୁଲି ମଦ ଏବଂ ୧୩.୮୨୫ କିଲୋଗ୍ରାମ ମହୁଲ ପୋଚ ନଷ୍ଟ କରିଛନ୍ତି। ଏହି ଘଟଣାରେ ଅନ୍ୟ ୩ ଜଣ ମାମଲା ରୁଜୁ ହୋଇଥିବା ବେଳେ ଅବକାରୀ ବିଭାଗକୁ ଦେଖି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ନଷ୍ଟ କରାଯାଇଥିବା ପୋଚ ଓ ଜବତ ହୋଇଥିବା ମହୁଲି ମଦ ର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ କୁମାର ଦାସ କହିଛନ୍ତି।

## ଭଗପଶିରେ 'ନବୀନ ଓଡ଼ିଶା ସାରଥୀ' ସମାବେଶ




**ତୁରୁମୁଙ୍ଗା/ପାଟଣା,୨୭।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିଆପଡା ପଞ୍ଚାୟତ ଭଗପୋଶିଠାରେ ଶନିବାର ପାଟଣା ବିଜୁ ଜନତା ଦଳ ତରଫରୁ ନବୀନ ଓଡ଼ିଶା ସାରଥୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଅତିଥି ଭାବରେ ପାଟଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ, ସଂଯୋଜକ କାନନ ବିହାରୀ ପହି, ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ବରିଷ୍ଠ ବିଜେଡି ନେତା ପୂର୍ବତନ ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାଏକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ୍, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ସଭାପତି ଦୀଲ୍ଲିପ କୁମାର ସାହୁ, ଝୁମ୍ପୁରା ବ୍ଲକ ସଭାପତି ଯଦୁମଣି ରାଉତ, ଚମ୍ପୁଆ ବ୍ଲକ ସଭାପତି ଭାଗୀରଥି ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜଦେଓ, ନିରଞ୍ଜନ ତ୍ରିପାଠୀ,ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ଅଜୟ ପଟ୍ଟନାୟକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ ଯୋଗଦେଇ ଆଗାମୀ ନିର୍ବାଚନ ଦୁଇଟି ଶଙ୍ଖରେ ଭୋଟ ଦେବାକୁ ଉପସ୍ଥିତ ଲୋକଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ପାଟଣା ନିର୍ବାଚନ ମଣ୍ଡଳୀର ୫୬ ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ନାଏବ ସରପଞ୍ଚ ଓ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ।

### କେନ୍ଦୁଝର ଜିଲ୍ଲାରେ ନିଆରା ଉଦ୍ୟମ

## ସେଲ୍‌ଫି ପଏଣ୍ଟରେ ଭୋଟର ସଚେତନତା

କେନ୍ଦୁଝର,୨୭।୪(ସମିସ)




ଆସନ୍ତା ମେ' ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ସାଧାରଣ ନିର୍ବାଚନ ୨୦୨୪ ପାଇଁ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାବ୍ୟାପୀ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସମାନଭାବେ କେନ୍ଦୁଝରଗଡ଼ ପୌରପାଳିକାରେ ମଧ୍ୟ ଶନିବାର ବିଭିନ୍ନ ସ୍ଥାନରେ ନିଆରା ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କେନ୍ଦୁଝରଗଡ଼ ପୌରପାଳିକା ତରଫରୁ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ସେଲ୍‌ଫି ପଏଣ୍ଟ ସ୍ଥାପନ କରାଯାଇ ନିର୍ବାଚନୀ ସଚେତନତା ପାଇଁ ପ୍ରୟାସ କରାଯାଇଛି। ଶନିବାର ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ଠାରେ ସକାଳ ସମୟରେ ବ୍ୟାୟାମ ପାଇଁ ଆସୁଥିବା ଭୋଟରମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ନିଜିଗଡ଼ ସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ନିୟୋଜିତ କର୍ମଚାରୀମାନଙ୍କୁ ନେଇ ଏକ ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମିଲେଟ ଶକ୍ତି କାଫେରେ ମଧ୍ୟ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଫେରେ ନିୟୋଜିତ ମିଶନ ଶକ୍ତି ଏସ୍‌ଏଚ୍‌ଜିର ମହିଳାମାନେ ଏଥିରେ ଅଂଶଗ୍ରହଣ କରି ହାତରେ ନିର୍ବାଚନୀ ସଚେତନତା ପୋଷ୍ଟର ଏବଂ ପ୍ଲାକାର୍ଡ ଧରି ଭୋଟର ମାନଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି।

## ପିଇବା ପାଣି ପାଇଁ ପ୍ରତିବାଦ

**ରାମଚନ୍ଦ୍ରପୁର,୨୭।୪(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ତରୁଆଁ ହରିଜନ ସାହିରେ ଦୀର୍ଘ ଦିନ ଧରି ପିଇବା ପାଣି ସମସ୍ୟା ଲାଗି ରହିଥିବାରୁ ସାହିବାସିନ୍ଦା ପାଣି ଟୋପାଏ ନପାଇ ଡହଳ ବିକଳ ହେଉଛନ୍ତି। ଏଥିପାଇଁ ବାରମ୍ବାର ସ୍ଥାନୀୟ ସରପଞ୍ଚ ଏବଂ ଘସିପୁରା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହି ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ଏହାର ପ୍ରତିବାଦରେ ୪ ମାସ ତଳେ ସାହି ବାସିନ୍ଦା ପମ୍ପ ହାଉସ ଘରେ ତାଲା ପକାଇ ଦେଇଥିଲେ। ଏହି ଘଟଣା ପରେ ବିଭାଗୀୟ ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁଁ ସାମୟିକ ଭାବେ ପାଣି ସମସ୍ୟାର ସମାଧାନ କରାଯାଇଥିଲା, ମାତ୍ର ଦିନ କେଇଟା ପରେ ପୁଣି ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ଯୋଗୁଁ ସାହିରେ ଥିବା ନଳକୂପରୁ ପାଣି ବାହାରୁ ନାହିଁ। ଫଳରେ ଶତାଧିକ ପରିବାର ପିଇବା ପାଣି ଟୋପେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପିଇବା ପାଣି ପାଇଁ ମହିଳା ମାନେ ଧୁ ଧୁ ଖରାରେ ଷ୍ଟାଣ୍ଡପୋଷ୍ଟ ନିକଟରେ ଗରା ବାଲଟି ଧରି ଠିଆ ହୋଇ ପ୍ରତିବାଦ କରିବା ସହ ପିଇବା ପାଣି ନାହିଁ ତ ଭୋଟ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି। ପାଣି ନମିଳିବା ପର୍ଯ୍ୟନ୍ତ କୌଣସି ଲୋକ ପ୍ରତିନିଧିମାନଙ୍କୁ ସାହି ମଧ୍ୟକୁ ପୁରାଇ ନଦେବାକୁ ଧମକ ଦେଇଛନ୍ତି। ପ୍ରତିବାଦରେ ହରିଜନ ସାହିର ଅନିତା ଜେନା, ସବିତା ଜେନା, ଜୁଳି ଜେନା, ରମଣୀ ଜେନା, ବବିନା ଜେନା,ରତନି ଜେନା, ଲିଲି ଜେନା,



ସଞ୍ଜୁ ଜେନା, ସୋଲି ଜେନା, ବଉଳ ଜେନା, ସୁମା ଜେନାବୁଲ ଜେନା, ରତି ଜେନା, ଜୟନ୍ତୀ ଜେନା, ଉଲ୍ଲାସ ଜେନା, ତୁଳସୀ ଜେନା, ଅନତୀ ଜେନା, ଝିଲି ଜେନା, ଭାରତୀ ଜେନା, ପାକିନ ଜେନା, ଗୀତାଞ୍ଜଳି ଜେନା, ଲକ୍ଷ୍ମୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ନାକେଦମ କଲାଣି ଜଙ୍ଗଲ ନିଆଁ

# ହୁତୁ ହୁତୁ ହୋଇ ଜଳୁଛି ପାଟଣା ରେଞ୍ଜର ବହୁ ଜଙ୍ଗଲ

ତୁରୁମୁଙ୍ଗା,୨୭।୪(ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ବିଭିନ୍ନ ଜଙ୍ଗଲ ଏବେ ନିଆଁର ଆଁ ଭିତରେ ରହିଛି। ତାପମାତ୍ରା ବଢ଼ିବା ସହ ହୁହୁ ହୋଇ ଜଳୁଛି ଗ୍ରାମ୍ୟ ଜଙ୍ଗଲ। ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ରାଜନଗର ଗ୍ରାମର ଦେଓଗାଁ ଗ୍ରାମ୍ୟ ଜଙ୍ଗଲ, ପୁଟୁଳିଆ ବାଉଁଶୁଳି, ଅଙ୍କୁରା, ଟାଙ୍ଗରପଡା ହାତିବାରୀ, ଚେମେଣା ଆଦି ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ବହୁ ଗଛ ଜଳିପଡି ନଷ୍ଟ ହୋଇଯାଇଛି। ଶନିବାର ମଧ୍ୟାହ୍ନରେ ଖିରେଇଟାଙ୍ଗିରୀ ସେକ୍ସନ ଯମୁନାପଶି ବିଟ୍ କଣ୍ଟିଆପଡା ଗ୍ରାମ୍ୟ ଜଙ୍ଗଲ ସହ କେନ୍ଦେଇପଶି ବିଟ୍ ଖଜିରାପଶି ଗ୍ରାମ୍ୟ ପଟାସ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ଅନେକ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଜଙ୍ଗଲ ନିଆଁ କେତେବେଳେ ଗାଁ ମୁହାଁ ହେଉଛି ତ କେତେବେଳେ ରାସ୍ତା ଉପରକୁ ମାଡି ଆସୁଛି। ଫଳରେ ବନ୍ୟଜନ୍ତୁ ଓ ସ୍ଥାନୀୟ ଲୋକେ ବିପଦରେ ରହୁଛନ୍ତି। ଖରା ଯୋଗୁଁ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜଙ୍ଗଲରେ ନିଆଁ ଲାଗୁଛି। ତେବେ ଜଙ୍ଗଲ ନିଆଁ ମଣିଷ କୃତ ବୋଲି କହିଛନ୍ତି କେନ୍ଦୁଝର ଡିଏଫ୍ଓ ଏଚ୍‌ଡି ଧନରାଜ୍। ବନାଗ୍ନି ରୋକିବା ପାଇଁ ବନ ବିଭାଗ ପକ୍ଷରୁ ମହିଳାମାନଙ୍କୁ ନେଇ ସଚେତନତା କରାଯିବା ସହ ମହୁଲ ଗଛ ମୂଳ ସଫା କରାଯାଇଛି। ନିଆଁ ରୋକିବା ପାଇଁ ଫାୟାର ଲାଇନ୍ କରାଯାଉଛି। ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନଙ୍କ ଉପରେ ନଜର ରଖାଯିବା ସହ ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉଥିବା ଡିଏଫ୍ଓ କହିଛନ୍ତି।

### ହଦଗଡ଼ ନବୋଦୟ ଛାତ୍ରୀ ମୃତ୍ୟୁ ମାମଲା

## ଅଭିଯୁକ୍ତ ଶିକ୍ଷକ ନିର୍ଦ୍ଦୋଷରେ ଖଲାସ

**ଆନନ୍ଦପୁର,୨୭।୪(ସମିସ):** କେନ୍ଦୁଝର ଜିଲ୍ଲାର ହଦଗଡସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ମାମଲାର ଅଭିଯୁକ୍ତ ଶିକ୍ଷକ ସଞ୍ଜୟ କୁମାର ସାହୁ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଜଣାଯାଇଛି। ଆନନ୍ଦପୁର ସବଜଜ୍ ଏହି ମାମଲାର ବିଚାର କରି ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ଏପରି ରାୟ ପ୍ରକାଶ କରିଥିବା ଆଇନଜିବୀ ହେମରଞ୍ଜନ ବେହେରାଙ୍କ ସୂତ୍ରରୁ ପ୍ରକାଶ। ମିଳିଥିବା ସୂଚନାନୁଯାୟୀ, ଗତ ୨୦୧୬ ମସିହା ଫେବୃଆରୀ ମାସ ୧୫ ତାରିଖ ଦିନ ନବୋଦୟ ବିଦ୍ୟାଳୟର ଏହି ଛାତ୍ରୀଙ୍କ ମୃତଦେହ ହଦଗଡ ଡ୍ୟାମ ନିକଟରୁ ମିଳିଥିଲା। ଏନେଇ ମୃତ ଛାତ୍ରୀଙ୍କ ମା’ ଦେବସ୍ମିତା ପୃଷ୍ଟି ସ୍ଥାନୀୟ ସୋସୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ଅଭିଯୋଗକୁ ଆଧାର କରି ଥାନା କେଶ୍ ନଂ ୧୨/୨୦୧୬ ର ଭାରତୀୟ ଦଣ୍ଡବିଧି ଆଇନର ୩୦୨, ୩୭୬ ଧାରାରେ ମକୋଦ୍ଦମା ରୁଜୁ କରି ନବୋଦୟ ବିଦ୍ୟାଳୟର ଅଭିଯୁକ୍ତ ଗଣିତ ଶିକ୍ଷକ ସଂଜୟ କୁମାର ସାହୁଙ୍କୁ ଗିରଫ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଥିଲେ। ଏହି ମାମଲାରେ ଆନନ୍ଦପୁର ବିଚାର ବିଭାଗୀୟ ସବଜଜ୍ ସାକ୍ଷ୍ୟପ୍ରମାଣ ଅଭାବରୁ ଶିକ୍ଷକ ଶ୍ରୀ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ରାୟରେ ପ୍ରକାଶ ପାଇଛି।

### ନିୟମ ମାନୁନାହାନ୍ତି ଠିକାଦାର

## ତତଲା ନିଆଁରେ ସିଝୁଛନ୍ତି ଶ୍ରମିକ




**ବଡ଼ବିଲ,୨୭।୪(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଖଣି ସହରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପାଣିର ଗାର ଭଳି ଜଣାପଡୁଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଖରାରେ କାମ କରୁଛନ୍ତି ଶ୍ରମିକ। ବଡ଼ବିଲସ୍ଥିତ ଖୋଦ ଶ୍ରମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଏକ ଗାଡି ସୋ’ରୁମରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। ଅତ୍ୟଧିକ ଗ୍ରୀଷ୍ମ ପ୍ରବହକୁ ଦୃଷ୍ଟିରେ ରଖି ଶ୍ରମିକଙ୍କ ସୁରକ୍ଷା ପାଇଁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ହେଲେ କିରିବୁରୁ ବଡ଼ବିଲ ମୁଖ୍ୟ ରାସ୍ତାର ଡାହାଣ ପଟେ ଗାଡ଼ି କମ୍ପାନୀର ସୋ’ ରୁମ୍ ପାଇଁ ଘର କାମ ଚାଲୁଛି। ବାମ ପଟେ ଶ୍ରମ ବିଭାଗ କାର୍ଯ୍ୟାଳୟ। ଏହାର ୫୦ମିଟରରେ ବଡ଼ବିଲ ପୌର କାର୍ଯ୍ୟାଳୟ, ଜେଏମ୍ଏଫ୍‌ସି କୋର୍ଟ ଓ ଖୁବ ନିକଟରେ ତହସିଲ କାର୍ଯ୍ୟାଳୟ। ତେଣୁ ସବୁ ସମୟରେ ସରକାରୀ ଅଧିକାରୀଙ୍କ ଯିବା ଆସିବା ଲାଗି ରହିଥିବା ସତ୍ତ୍ୱେ ଶ୍ରମିକମାନଙ୍କୁ ୪୧ ଡିଗ୍ରୀ ଖରାରେ କାମ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ବଡ଼ବିଲ ତହସିଲଦାରଙ୍କୁ ପଚାରିବାରୁ ସେ କହିଥିଲେ ଯେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଉକ୍ତ ଘଟଣା ତାଙ୍କ ନଜରକୁ ଆସି ନଥିଲା। ତେବେ ସେ ଖୁବଶୀଘ୍ର ଏହା ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଚମ୍ପୁଆରେ କଡ଼ାକଡ଼ି ହେଉଛି ସୀମାନ୍ତ ଯାଞ୍ଚ



**ଚମ୍ପୁଆ,୨୭।୪(ସମିସ):** ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଚମ୍ପୁଆ ପୁଲିସ ପକ୍ଷରୁ ସୀମାନ୍ତ ଯାଞ୍ଚକୁ ଜୋର କରାଯାଇଛି। ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ତଥା ଥାନା ଅଧିକାରିଣୀ ଦେବକୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଝାଡଖଣ୍ଡ ଓ ଚମ୍ପୁଆ ସମୀାନ୍ତ ଜୟନ୍ତୀ ବ୍ରିଜ ନିକଟରେ ଚେକିଂ କରାଯିବା ସହ ଝାଡଖଣ୍ଡ ଅଞ୍ଚଳରୁ ପ୍ରବେଶ କରୁଥିବା ୪ ଚକିଆ, ୩ ଚକିଆ ଓ ୨ ଚକିଆ ଯାନକୁ ଟିକିନିଖି ତନଖି କରାଯାଉଛି। ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲକ୍ଷ୍ୟ ନେଇ ଏହି ତନଖି କରାଯାଉଥିବା ବେଳେ ୨ ଚକିଆ ଯାନ ଓ ୪ ଚକିଆ ଯାନର କାଗଜପତ୍ର, ହେଲମେଟ ଆଦି ଚେକ୍ କରାଯାଉଛି।

## ସରେଇଁ ମଠରେ ମହିମା ଅଲେଖ ବ୍ରହ୍ମ ମେଳା



**ଆନନ୍ଦପୁର,୨୭।୪(ସମିସ):** ସ୍ଥାନୀୟ ସରେଇଁ ଗ୍ରାମରେ ମହିମା ଅଲେଖ ବ୍ରହ୍ମ ମେଳା ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟ ବାଞ୍ଛାନିଧି ବାବାଙ୍କ ପୌରୋହିତ୍ୟରେ ପ୍ରଥମେ ଅଖଣ୍ଡବତି ପ୍ରଜ୍ୱଳନ, ବ୍ରହ୍ମଧ୍ୱନି ସ୍ଥାପନ, ପ୍ରଭୂନାମ ଓ ଭଜନ କରାଯିବା ସହିତ ସମାଜର ମଙ୍ଗଳ କାମନା କରାଯାଇଥିଲା। ବ୍ରହ୍ମ ମୁହୂର୍ତ୍ତରେ ପୂଜା କାର୍ଯ୍ୟ କରାଯାଇ ବାବାମାନଙ୍କର ଆଶୀର୍ବାଦ ଭିକ୍ଷା ଲୋଡାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଏବଂ ଯୁବନେତା ସୁଦୀପ ସାହୁ ଯୋଗ ଦେଇଥିଲେ। ଆୟୋଜିତ ଏହି ମେଳା କାର୍ଯ୍ୟକ୍ରମରେ ମହିମାଗାଦୀର ପୂଜ୍ୟପାଦ ବ୍ରହ୍ମାବଧୂତ ଗୋକୁଳୀ ବାବା, ଡାଡକେଶ୍ୱର ବାବା, ସନ୍ତୋଷ ବାବା, କ୍ଷମାକର ବାବା ଓ ଅନ୍ୟ ବାବାମାନେ ଯୋଗ ଦେଇଥିଲେ। ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଓ ମହିମା ଅଲେଖ ଭକ୍ତ ମାନେ ଯୋଗଦେଇଥିବାରୁ ଅଞ୍ଚଳରେ ଭାବ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ଭକ୍ତ ଭରତ ଚନ୍ଦ୍ର ସାହୁ, ଅଭିମନ୍ୟୁ ସାହୁ, ମହେଶ୍ୱର ସାହୁ, ସୂର୍ଯ୍ୟମଣି ସାହୁ, ବାଂଛାନିଧି ସାହୁ, ରଘୁନାଥ ନାହାକ ଏବଂ ସରେଇଁ ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତ ନିତ୍ୟାନନ୍ଦ ସାହୁ, କାର୍ତିକେଶ୍ୱର ନାଏକ, କାଳନ୍ଦୀ ସାହୁ, ଜଗବନ୍ଧୁ ସାହୁ, ନୀଳକଣ୍ଠ ଦେହୁରୀ, ବାଇଧର ମହାରଣା, ଶ୍ରୀଧର ସାହୁ, ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଇନର୍ ହୁଇଲ କ୍ଲବ୍ ପକ୍ଷରୁ ଜଳଛତ୍ର




**କେନ୍ଦୁଝର,୨୭।୪(ସମିସ):** କେନ୍ଦୁଝର ସହର ଡେଲି ମାର୍କେଟ ନିକଟରେ ଇନର ହୁଇଲ କ୍ଲବ କେନ୍ଦୁଝର ପକ୍ଷରୁ ଜଳଛତ୍ର ଖୋଲାଯାଇ ବାଟୋଇମାନଙ୍କୁ ଥଣ୍ଡା ଦହିପାଣି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇନର ହୁଇଲ କ୍ଲବର ସଭାନେତ୍ରୀ ରୀତା କାପୁର, ନିରୁପମା ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ନିଲମ ସାହୁ, ସସ୍ମିତା ପ୍ରଧାନ, କବିତା ବେହେରା, ସେଫାଳିକା ମହାନ୍ତି, ମୀନତି ମହାପାତ୍ର, ସୋନାଲି ସିଂ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ଥଣ୍ଡା ଦହିପାଣି ଏବଂ ଥଣ୍ଡା ପାଣି ବଣ୍ଟନ କରିଥିଲେ। କେନ୍ଦୁଝରରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଉପରେ ରହୁଥିବାବେଳେ ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ଇନର ହୁଇଲ କ୍ଲବ ପକ୍ଷରୁ ଜଳଛତ୍ର ଖୋଲାଯାଇଛିଫ ବିଶେଷ କରି ଶ୍ରମିକ, ଖଟିଖିଆ, ବାଟୋଇ, ରାସ୍ତା ପାଶ୍ୱର୍ରେ ବ୍ୟବସାୟ କରୁଥିବା ଲୋକ ଜଳଛତ୍ରକୁ ଆସି ଥଣ୍ଡା ପାଣି ଏବଂ ଦହିପାଣି ପିଇଥିଲେ।

## ଏବିଭିପିର ଭୋଟର ସଚେତନତା କାର୍ଯ୍ୟକ୍ରମ




**ତେଲକୋଇ,୨୭।୪(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତେଲକୋଇ ଶାଖା ପକ୍ଷରୁ ଶନିବାର ଭୋଟ ଫର୍ ନେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ କଦଳୀକୁଣ୍ଡ ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ବୈଠକରେ ତେଲକୋଇ, ସିରିଗିଡା ଏବଂ ବେଣାମୁଣ୍ଡା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସଂଗଠନ ସମ୍ପାଦକ ନାରାୟଣ ବେହେରା, କେନ୍ଦୁଝର ଜିଲ୍ଲା ସଂଯୋଜକ ଚିନ୍ମୟ ବାରିକ ଏବଂ ପଶ୍ଚିମ ମୟୂରଭଞ୍ଜ ସଂଗଠନ ସମ୍ପାଦକ ଦୀବ୍ୟଜ୍ୟୋତି ନନ୍ଦ ଉପସ୍ଥିତ ରହି ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ବିଚାର, ଲକ୍ଷ, କାର୍ଯ୍ୟଶୈଳୀ ଏବଂ ଗଣତନ୍ତ୍ରରେ ଛାତ୍ର ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ନିଖୋଜ ଛାତ୍ରୀ ରାଇରଙ୍ଗପୁରରୁ ଉଦ୍ଧାର

**ତୁରୁମୁଙ୍ଗା,୨୭।୪(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ତୁରୁମୁଙ୍ଗା ଗ୍ରାମରେ ମାମୁଁ ଘରେ ରହି ପାଠ ପଢୁଥିବା ଜଣେ ନାବାଳିକା ଛାତ୍ରୀ ଗତ ୨୨ ତାରିଖରୁ ନିଖୋଜ ଥିଲେ। ଏନେଇ ନାବାଳିକାଙ୍କ ମାମୁଁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଶୁକ୍ରବାର ରାତିରେ ଏକ ମୋବାଇଲ ନମ୍ବରକୁ ଟ୍ରାକ୍ କରି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ନିଉତି ଗ୍ରାମରୁ ଉଦ୍ଧାର କରିଛନ୍ତି। କୋର୍ଟରେ ନାବାଳିକାର ବୟାନ ରେକର୍ଡ କରି ତୁରୁମୁଙ୍ଗା ଥାନାରେ ୧୬୫ /୨୪ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

## ଦେଶୀ-ବିଦେଶୀ ମଦ; ୩ ଗିରଫ



**ହାଟଡ଼ିହୀ,୨୭।୪(ସମିସ):** ଆଜି ପୂର୍ବାହ୍ନରେ ଶଙ୍ଖଣା ଓ ଅଁରା ଗ୍ରାମରେ ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇ ଦେଶୀବିଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଥାନାଧିକାରୀ ସ୍ମିତା ବେହେରା, ଏଏସଆଇ ସୁଶାନ୍ତ କୁମାର ରାଉତ, କନଷ୍ଟେବଳ ସୁମନ୍ତ ବେହେରା ଓ ସୁରେଶ ବେହେରା ମିଳିତ ଚଢ଼ଉ କରି ୩.୨୫୦ ଲିଟର ଦେଶୀ ରନ୍ଧା ମହୁଲି ମଦ ସହିତ ୩. ୨୪୦ଲି. ବିଦେଶୀ ମଦ ଜବତ କରିଥବଲେ। ସମ୍ପୃକ୍ତ କାରବାରରେ ୧ବାଇକ୍ ଜବତ୍ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫଅଭିଯୁକ୍ତହେଲେବାବୁଜେନା, ଶରତଜେନାଓନାରାୟଣପରିଡ଼ାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଏସ୍‌ଏଚ୍‌ଜି ମହିଳାଙ୍କ ମଦ ବିକ୍ରିକୁ ବିରୋଧ



ସୋସୋ,୨୭।୪(ସମିସ): ହାଟଡିହୀ ବ୍ଲକ ଅଁରା ଗ୍ରାମର ସୁପ୍ରଭା ରାଉତ (ଭଲି)ଙ୍କ ନେତୃତ୍ୱରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଦବିକ୍ରିକୁ ବିରୋଧ କରିଛନ୍ତି। ଆଜି ଅଁରା ଗ୍ରାମରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଚଢଉ କରି ବିଦେଶୀ ମଦ ବୋତଲକୁ ପିଟି ଭାଙ୍ଗି ଦେବା ସହିତ ମହୁଲି ମଦକୁ ଜବତ କରି ଢାଳି ଦେଇଥିଲେ। ପୁଲିସ ଓ ହାଟଡିହି ଅବକାରୀ ବିଭାଗକୁ ଖବର ଦେବା ପରେ ଦୁଇ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମଦକୁ ଜବତ କରିଛନ୍ତି।

## ପଢ଼ିଆରିପଲ୍ଲୀରେ ବିଜେଡିର କର୍ମୀ ସମ୍ମିଳନୀ



**ସୋସୋ,୨୭।୪(ସମିସ):** ହାଟଡିହୀ ବ୍ଲକ ପଢ଼ିଆରିପଲ୍ଲୀ ପଞ୍ଚାୟତର ପଢ଼ିଆରିପଲ୍ଲୀ ସିଦ୍ଧ ଗୁମ୍ଫାରେ ସରପଞ୍ଚ ଅଜିତ୍ ରାଉତଙ୍କ ନେତୃତ୍ୱରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଜୟ ରାଉତ, ରବି ନାୟକ, ସୁରେନ୍ଦ୍ର ଜେନା, ସୁରଥ ସାହୁ ପ୍ରମୁଖ ଉପସ୍ଥିତ ରହି ବିଧାୟକ ଓ ସାଂସଦକୁ ବିଜୟୀ କରିବାକୁ ନିବେଦନ କରିଥିଲେ। ପ୍ରତି ୱାର୍ଡରେ ଯେଭଳି ଶଙ୍ଖକୁ ଅଧିକ ଭୋଟ ଆସିବ ସେଥିପାଇଁ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ କହିଥିଲେ। ଏହି ସମୟରେ ମୁନା ରାଉତ, ମୁରଲୀ ସାହୁ, କୁନା ପ୍ରଧାନ, ମାୟାଧର ମଢେଇ, ସୁଶାନ୍ତ ରାଉତ, ବଳରାମ ଗିରି, ଟିକନ ରାଉତ, ରଞ୍ଜନ ନାୟକ ପ୍ରମୁଖ ସହ ସହ କର୍ମୀ ସାମିଲ ହୋଇଥିଲେ।

## କାମରେ ଲାଗୁନି କଣ୍ଟ୍ରୋଲ ରୁମ

**ବଡ଼ବିଲ,୨୭।୪(ସମିସ):** ପୌରପାଳିକାରେ ଲୋକଙ୍କ ବିଭିନ୍ନ ପ୍ରକାର ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ କଣ୍ଟ୍ରୋଲ ରୁମ ଖୋଲା ଯାଇଛି। କଣ୍ଟ୍ରୋଲ ରୁମ ଫୋନ ନମ୍ବର ୦୬୭୬୭-୨୭୫୨୭୮କୁ କଲ କରି ଜନସାଧାରଣ ପାନୀୟ ଜଳ, ପରିମଳ ଓ ବିଦ୍ୟୁତ ଭଳି ଅନେକ ପ୍ରକାର ସମସ୍ୟାର ସମାଧାନ କରାଇପାରିବେ। ତେବେ ଉକ୍ତ ନମ୍ବରକୁ କଲ୍ କରିଲେ ଫୋନ ଲାଗୁ ନାହିଁ। ଏ ନେଇ ଜଣେ କର୍ମଚାରୀଙ୍କୁ ପଚାରିବାରୁ ସେ ତାଙ୍କ ନାମକୁ ଗୋପନ ରଖି କହିଥିଲେ ଯେ ଫୋନ ଟିକେ ଗଡ଼ବଡ଼ ଅଛି। ତାକୁ ଅନ୍ ଅଫ କରିଦେଲେ ଲାଗିବ। ସେହିପରି କିଛି ସମୟ ପରେ କଲ୍ କରିବାରୁ ଫୋନ ଲାଗିଲା। ହେଲେ ସମସ୍ୟା ସମ୍ପର୍କରେ ଅଭିଯୋଗ କରିବା ପୂର୍ବରୁ ଫୋନଟି କଟି ଯାଇଥିଲା। ପୁନର୍ବାର ଲାଗି ନ ଥିଲା। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ପୌରପରିଷଦରେ ଖୋଲା ଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ବ୍ୟବସ୍ଥାକୁ ସାଧାରଣରେ ସ୍ୱାଗତ କରାଯାଇଥିବା ବେଳେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହେଉଛି।

## ରାସ୍ତା ଠିକ୍ ନକଲେ ବନ୍ଦ ହେବ ବସ୍ ସେବା



**ଚମ୍ପୁଆ,୨୭।୪(ସମିସ):** ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗ କରୁଥିବା ଉପାନ୍ତ ଫଗୁ ଗ୍ରାମଠାରୁ ରରୁଆଁ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡିଛି। ଚମ୍ପୁଆ ସଦରମହକୁମାରୁ ମୟୂରଭଞ୍ଜ ଜିଲ୍ଲାର ବାରିପଦା, ରାଇରଙ୍ଗପୁର, ଯଶିପୁର, କରଞ୍ଜିଆ, ଠାକୁରମୁଣ୍ଡା ଆଦି ଅଞ୍ଚଳକୁ ଦୈନିକ ୧୨ରୁ ୧୩ ଗୋଟି ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ଦୟନୀୟ ରାସ୍ତା ଯୋଗୁଁ ଅହେତୁକ କ୍ଷତି ସହୁଥବା ଏବଂ ବର୍ଷ ବର୍ଷ ଧରି ରାସ୍ତାକାମ ସରୁନଥିବା ଫଳରେ ଯାତ୍ରୀ ମାନେ ହିନସ୍ତା ହେବା ସହ ମାଲିକ ମାନେ ବସ୍ ମରାମତି କରି ନିୟନ୍ତା ହେଲେଣି। ରାସ୍ତା ଠିକ୍ ନକଲେ ଆଗାମୀ ଦିନରେ ବସ୍‌ସେବା ବନ୍ଦ କରିବାକୁ ବାଧ ହେବୁ ବୋଲି ଚମ୍ପୁଆ ଉପଖଣ୍ଡ ଘରୋଇ ବସ୍ ମାଲିକ ସଂଘ ସଂପାଦକ ଭୋଳାନାଥ ମହାନ୍ତ ସୂଚନା ଦେଇଛନ୍ତି। କାଁ ଭାଁ କେତେକ ସ୍ଥାନରେ ରାସ୍ତା ଠିକ ରହିଥିବା ବେଳେ କେଉଁଠି ଖାଲ ଖମାର ତ କେଉଁଠି ରାସ୍ତାକଡରେ ମାଟି ପଡିନଥିବାରୁ ସଂକୀର୍ଣ୍ଣ ରାସ୍ତା ଯାତାୟତର ବାଧା ଉପୁଯାଉଛି। ଏପରିକି ମାଲିକମାନେ ରାସ୍ତା ଉପରେ ପଡିଥିବା ମେଣ୍ଟାଲ ଦ୍ୱାରା ବାରମ୍ବାର ଟାୟାରକଟର ସମ୍ମୁଖିନ ହେବା ସହିତ ବ୍ରେକଡାଉନର ସମ୍ମୁଖିନ ହେଉଛନ୍ତି। ରୋଜଗାର ଅପେକ୍ଷା ଖର୍ଚ୍ଚ ଦ୍ୱିଗୁଣା ହେଉଥିବାରୁ ଅନେକ ସମୟରେ ମାଲିକ ମାନେ ବସ୍ ଠିଆ କରିବାକୁ ବାଧ ହେଉଛନ୍ତି। ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘ ଦାବି କରିଥିବା ବେଳେ ଏ ନେଇ ପିଡବ୍ଲ୍ୟୁଡି ଅଧିକାରୀ ଧର୍ମେନ୍ଦ୍ର କୁମାର ସିଂ ପଚାରିବାରୁ କହିଛନ୍ତି ଯେ ରାସ୍ତାକାମ ଚାଲୁରହିଛି। କିଛି ରାସ୍ତା ସଂପୂର୍ଣ୍ଣ ହୋଇଥିବା ବେଳେ କିଛି ରାସ୍ତା ପ୍ରଚଣ୍ଡ ଖରାପାଁ କାମ ଧିରେ ଚାଲୁଛି। ଦୁର୍ଗାପୂଜା ଭିତରେ ରାସ୍ତାକାମ ଶେଷ କରିବାକୁ ଚେଷ୍ଟା ଜାରିରହିଛି।

### ମିଳିଲାନି ପ୍ରୋତ୍ସାହନ; ଦୁର୍ଦ୍ଦିନରେ କଳାକାର

# ହଜିଗଲାଣି ‘ତାଳପତ୍ର କାଠି କଣ୍ଢେଇ’

ରାମଚନ୍ଦ୍ରପୁର,୨୭ ।୪(ସମିସ)





ତାଳପତ୍ର କାଠି କଣ୍ଢେଇ ଏକ ପୁରାତନ ହସ୍ତକଳା। ଏବେ ଏହି ପ୍ରାଚୀନ କଳା ବିଲୁପ୍ତ ପ୍ରାୟ। ଏହି କଳାକୁ ଦୀର୍ଘ ବର୍ଷ ହେଲା ବଞ୍ଚାଇ ରଖିଥିଲେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତି ଗ୍ରାମର ଦୁଇ ଭାଇ ରବୀନ୍ଦ୍ର ମହାରଣା (୫୫) ଓ ଉମାକାନ୍ତ ମହାରଣା (୫୭)। ଆଧୁନିକ ଯୁଗରେ କମ୍ପ୍ୟୁଟର କାରିଗରୀ ଏବଂ ମୋବାଇଲର ବହୁଳ ବ୍ୟବହାର ଯୋଗୁଁ ଏହି କଳା ପ୍ରତି ଲୋକଙ୍କ ଆଦର କମିଛି। ନବେ ଦଶକରେ ତାଳପତ୍ର କାଠିକୁ ନିଖୁଣ ଭାବେ ଚିତ୍ରଣ କରି ଜୀବନ୍ତ କଣ୍ଢେଇ ନିର୍ମାଣ କରି ଗାଁ ଗାଁରେ ବିଭିନ୍ନ ମେଳା ମଉଛବରେ ବିକ୍ରିବଟା କରି ଭଲ ଦି’ପଇସା ରୋଜଗାର କରିପାରୁଥିଲେ ସେମାନେ। ହେଲେ ବିଜ୍ଞାନର ଅଗ୍ରଗତୀ ଘଟିବା ଫଳରେ ଇଲୋକ୍ଟ୍ରୋନିକ ଖେଳନାର ବହୁଳ ବ୍ୟବହାର ଯୋଗୁଁ ଏହି ହସ୍ତ କଳାକୃତି ଉପରୁ ଲୋକଙ୍କ ନଜର ହଟିଯାଇଥିଲା। ଫଳରେ ଏହାକୁ ନେଇ ପରିବାର ପୋଷଣ କରିବା କଷ୍ଟସାଧ ହୋଇ ପଡିଲା। ବାଧ୍ୟ ହୋଇ ଏହି କଳାକୁ ଛାଡି ନିଜର କୌଳିକ ବୃତ୍ତି (କାଠ କାମ)କୁ ଆପଣାଇଲେ ରବୀନ୍ଦ୍ର ଓ ଉମାକାନ୍ତ। ସେମାନଙ୍କ କହିବା କଥା କାଠି କଣ୍ଢେଇ ଏକ ପୁରାତନ ହସ୍ତକଳା। ଏହି କଳାକୁ ସବୁବେଳେ ବଞ୍ଚାଇ ରଖିବାକୁ ହେଲେ ଏହାର ବହୁଳ ବିକ୍ରିବଟା ହେବା ସହିତ ସରକାରୀ ପ୍ରୋତ୍ସାହନ ନିହାତି ଆବଶ୍ୟକ। ଖାଲି କାଠି କଣ୍ଢେଇ କାହିଁକି; ତାଳପତ୍ର ଦ୍ୱାରା ଅନେକ ସୌଖୀନ ଘରକରଣା ଜିନିଷ ତିଆରି କରିହେବ। ସରକାରୀ ସ୍ତରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କୁ ଏଥିନେଇ ଉପଯୁକ୍ତ ତାଲିମ୍ ପ୍ରଦାନ କରାଗଲେ ଏହି ପୁରାତନ କଳା ବଞ୍ଚିବା ସହ ଅନେକ ପରିବାର ସଦସ୍ୟ ଏଥିନେଇ ରୋଜଗାରକ୍ଷମ ହୋଇପାରିବେ ବୋଲି ରବୀନ୍ଦ୍ର କହନ୍ତି।

## ଚାକିରି ଆଳରେ ମହିଳାଙ୍କୁ ଠକିଲା ଆଶୀର୍ବାଦ ଫାଉଣ୍ଡେସନ୍

# ନ୍ୟାୟ ଦାବିରେ ମହିଳାଙ୍କ ଥାନାର ଦ୍ୱାରସ୍ଥ; ୪ ଅଟକ

**ବାରିପଦା, ୨୭ ।୪(ସମିସ)**



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଠକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ପୁଣି ଚାକିରି ପ୍ରଲୋଭନ ଦେଖାଇ ବହୁ ମହିଳା ଠକାମିର ଶିକାର ହୋଇଛନ୍ତି। ଏହି ଘଟଣାରେ ପୁଲିସ ୪ ଜଣ ମହିଳାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବେରୋଜଗାର ଯୁବକଯୁବତୀଙ୍କୁ ଠକମାନେ ଟାର୍ଗେଟ ରଖୁଥିବା ବେଳେ ଚାକିରି ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଠକୁଥିବାର ପରିଲକ୍ଷିତ ହେଉଛି। ଶନିବାର ଏଭଳି ଏକ ଘଟଣା ଘଟିଛି ଟାଉନ ଥାନା ଅଞ୍ଚଳରେ। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରିଛି। ବିବାହିତା ବେରୋଜଗାର ମହିଳାଙ୍କୁ କମ୍ପାନୀ ଚାକିରି ଦେବା ନାମରେ ଏକ ସଂସ୍ଥା ହଜାର ହଜାର ଟଙ୍କା ମଧ ଠକେଇ କରିଛି। ଟଙ୍କା ଦେଇ ଚାକିରି ନ ପାଇବାରୁ ଠକେଇର ଶିକାର ହୋଇଥିବା ମହିଳାମାନେ ତକତପୁର ସ୍ଥିତ ସଂସ୍ଥାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ତକତପୁର ସ୍ଥିତ ଆର୍ଶୀବାଦ ଫାଉଣ୍ଡେସନ ନାମରେ ଏକ ସଂସ୍ଥା ଖୋଲି ମହିଳାଙ୍କୁ ବିଭିନ୍ନ ସୂତାକଳ ଓ ଚପଲ କମ୍ପାନୀରେ ଚାକିରି ଦେବାକୁ କହି ନାମ ପଞ୍ଜୀକରଣ କରିଥିଲା। ମହିଳାଙ୍କୁ ମୋଟା ଅଙ୍କର ବେତନ ସହ ଚାକିରି ଦେବାର ପ୍ରଲୋଭନ ଦେଖାଇଥିଲା କଂପାନୀ। ପରେ ମହିଳାଙ୍କ ନିକଟରୁ ଜଣକ ପିଛା ୫ ହଜାର ପର୍ଯ୍ୟନ୍ତ ଟଙ୍କା ମଧ ନେଇଥିଲା। ବିଭିନ୍ନ ମହିଳାଙ୍କ ଜରିଆରେ ଉକ୍ତ ଟଙ୍କା ଆଦାୟ କରି ଚାକିରି ଦେବାର ପ୍ରତିଶ୍ରୁତି ସତ୍ତ୍ୱେ ଚୁକ୍ତି ଅନୁଯାୟୀ ଅନେକ ଦିନ ବିତିବା ପରେ ଚାକିରି ନ ଦେଇ ଧରାଛୁଆଁ ଦେଇ ନ ଥିଲା ଉକ୍ତ କଂପାନ। ଫଳରେ ବାଧ ହୋଇ ଠକାମିର ଶିକାର ମହିଳାମାନେ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଟଙ୍କା ଫେରସ୍ତ ଦାବିରେ ବିକ୍ଷୋଭ କରିଥିଲେ। ପରେ ନିରାଶ ହୋଇ ବାରିପଦା ଟାଉନ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ କେଉଁ ପରିସ୍ଥିତିରେ ମହିଳାଙ୍କ ଠାରୁ ଏଭଳି ଠକେଇ କରି ଟଙ୍କା ଆଦାୟ କରାଯାଉଥିଲା ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ଏହି ସଂସ୍ଥା କାହା ଇଙ୍ଗିତରେ ଚାଲୁଥିଲା ତାହା ସ୍ପଷ୍ଟ ଜଣାପଡ଼ିବ ବୋଲି ଆଇଆଇସି ସୁମିତ ସୋରେନ କହିଛନ୍ତି। ଏହି ଘଟଣାରେ ପୁଲିସ ସଂସ୍ଥାର ୪ ଜଣ ମହିଳା କର୍ମଚାରୀଙ୍କୁ ଅଟକ ପଚରା ଉଚୁରା ଚଳାଇଛନ୍ତି। ରାତିରେ ସମସ୍ତଙ୍କ ୱାନଷ୍ଟପ୍ ସେଣ୍ଟରରେ ରଖାଯିବ ବୋଲି ପୁଲିସ କହିଛି।

## ବାଲି ବୋଝେଇ ଟିପ୍ପରକୁ ୫୧ ହଜାର ଜରିମାନା

**ବେତନଟୀ, ୨୭ ।୪(ସମିସ):** ମୟୂରଭଞ୍ଜ ଖଣି ବିଭାଗ ପକ୍ଷରୁ ଶନିବାର ଏକ ଚୋରା ବାଲି ବୋଝେଇ ଟିପ୍ପର ଜବତ କରାଯିବା ସହିତ ୫୧ ହଜାର ଟଙ୍କାର ଜରିମାନା ଆଦାୟ ହୋଇଛି। ସୂଚନା ମୁତାବକ ମାଇନିଂ ବିଭାଗ ପକ୍ଷରୁ ଦିଲ୍ଲୀପ ମାହାନ ବେତନଟୀ ଅଞ୍ଚଳରେ ଚଢଉକରି ଏକ ଚୋରା ବାଲି ବୋଝେଇ ଟିପ୍ପରକୁ ଅଟକାଇ ଥିଲେ। କାଗଜପତ୍ର ଯାଞ୍ଚ ସମୟରେ ବାଲି ପରିବହନ ନେଇ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ୫୧ହଜାର ଟଙ୍କାର ଜରିମାନା କାଟିବା ସହିତ ମାଇନିଂ ଅଧିକାରୀ ଶ୍ରୀ ମାହାନା ବେତନଟୀ ପୁଲିସକୁ ଉକ୍ତ ଟିପ୍ପର ହସ୍ତାନ୍ତର କରିଛନ୍ତି। ଜରିମାନା ପୈଠ କରିବାପରେ ମାଇନିଂ ବିଭାଗର ଅନୁମତିକ୍ରମେ ଟିପ୍ପରକୁ ଛଡାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଗଡ଼ିଆ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




**ମୋରଡ଼ା, ୨୭ ।୪(ସମିସ):** ମୋରଡ଼ା ବ୍ଲକ ଅନ୍ତର୍ଗତ ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂ କେନ୍ଦ୍ର ଓ ବାରିପଦାସ୍ଥିତ ଜିନେକ୍ସଟ ଏଲାଏଡ଼ ମେଡିକାଲ ଇନଷ୍ଟିଚ୍ୟୁଟ ଉଦ୍ୟମରେ ଏକ ସ୍ୱାସ୍ଥ୍ୟ ସଚେତନତା ଏବଂ ପାରା ମେଡିକାଲ କୋର୍ସ ସମ୍ବନ୍ଧୀୟ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା ଉଚ୍ଚମାଧମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଡକ୍ଟର ସଞ୍ଜୟ କୁମାର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପାରାମେଡିକାଲ କୋର୍ସଗୁଡିକ ସମ୍ପର୍କରେ ସବିଶେଷ ଧାରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପକ ଡ. ଗୌରାଙ୍ଗ ଚନ୍ଦ୍ର ପାତ୍ର ଓ ଉଦ୍ଭିଦବିଜ୍ଞାନ ଅଧ୍ୟାପକ ଶାନ୍ତନୁ କୁମାର ପଣ୍ଡା କର୍କଟ ରୋଗ ଏବଂ ବାଲ୍ୟକାଳରୁ ଆଣ୍ଠୁଗଣ୍ଠି ବ୍ୟଥା ରୋଗର କାରଣ, ନିରାକରଣ ଓ ଉପଚାର ସମ୍ପର୍କରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ଜଗନ୍ନାଥ ସାଥୁଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନେ ଆତନିର୍ଭରଶୀଳ ହେବା ପାଇଁ ମହାବିଦ୍ୟାଳୟ ତରଫରୁ ନିରନ୍ତର ଭାବେ ଏହି ପ୍ରୟାସ ଚାଲୁରହିବ ବୋଲି କ୍ୟାରିୟର କାଉନସେଲର ଅଜୟ କୁମାର ରାଉତ ପ୍ରତିଶ୍ରୁତି ଦେଇଥିଲେ।

## ଶ୍ରୀମା' ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ମାଗଣା ସ୍ୱାସ୍ଥ୍ୟ ଶିବିର



**ମାଣତ୍ରୀ, ୨୭ ।୪(ସମିସ):** ଶନିବାର ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁର ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଲଟପୁର ନିରତାର ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ସ୍ୱିଡେନର ବିଶିଷ୍ଟ ଆଣ୍ଠୁଗଣ୍ଠି ରୋଗ ବିଶେଷଜ୍ଞ ଡା ରବିନାରାୟଣ ଦାସ, ଫିଜିଓଥେରାପିଷ୍ଟ ହିତାର୍ଥ ପଟ୍ଟନାୟକ ଏବଂ ଅକ୍ୟୁପେସନାଲ ଥେରାପିଷ୍ଟ ଅଞ୍ଜଳିକା ଗାଁଣ ପ୍ରମୁଖ ଉପସ୍ଥିତ ରହି ସକାଳ ୮ ଟାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଖପାଖ ଅଞ୍ଚଳ ତଥା ବାହାରୁ ମୋଟ ୮୦ରୁ ଉର୍ଦ୍ଧ୍ୱ ରୋଗୀ ପହଞ୍ଚି ଶିବିରର ସୁଯୋଗ ନେଇ ନିଜର ସମସ୍ୟାର ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସର୍ବେଶ୍ୱର ଜେନା, ଅନିରୁଦ୍ଧ ରାଉତ, ରଞ୍ଜିତ ନାୟକ, ନୀଳକଣ୍ଠ ନାୟକ, ଜଗଦୀଶ ସାହୁ, ଅରୁଣ ସିଂହ, ସନ୍ତୋଷ ଖଣ୍ଡା, କରୁଣାକର ମହାପାତ୍ର, ଅନିତା ମହାପାତ୍ର, ସବିତା ମହାପାତ୍ର ତଥା ଅନ୍ୟ ଗ୍ରାମବାସୀ ସହଯୋଗ ରଖିଥିଲେ। ଏପରି ସେବା ଲୋକଙ୍କ ନିକଟରେ ପହଞ୍ଚିଥିବାରୁ ଅଞ୍ଚଳର ଜନସାଧାରଣ ଖୁସି ବ୍ୟକ୍ତ କରିବା ସହିତ ଅନୁଷ୍ଠାନ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏପରି ମହାନ କାର୍ଯ୍ୟ ପାଇଁ ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ରର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ ଡାକ୍ତର କିଶୋର ମହାପାତ୍ରଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ସାଧୁବାଦ ଜ୍ଞାପନ କରିଥିଲେ।

## ୧୫ ଦିନ ହେଲା ଉପଡାକଘର ଅଚଳ

**କୁଆମରା, ୨୭।୪(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା ଉପଡ଼ାକଘର ଦୁଇ ସପ୍ତାହ ଧରି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇ ପଡ଼ିଛି। ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ପ୍ରତି ବ୍ୟାଙ୍କ ଓ ଡାକ ଘରଗୁଡିକ



କଂପ୍ୟୁଟରୀକରଣ ହୋଇଯିବା ପରେ ଏବେ ବି ସେହି ଧାରାରେ କାର୍ଯ୍ୟ ଚାଲିଛି। ଏହି ଡାକଘର ଅଧୀନରେ ସିକିଡିଆ ଓ ତଳକଡଦା ଦୁଇଟି ଶାଖା କାର୍ଯ୍ୟ କରୁଛି। ଫଳରେ ଏହା ଅଧୀନରେ ଥିବା ହଜାରେରୁ ଅଧିକ ଗ୍ରାହକ ହିନସ୍ତା ଭୋଗୁଛନ୍ତି। ତେବେ ୧୫ ଦିନ ଧରି ଉକ୍ତ ପୋଷ୍ଟ ଅଫିସ ରେ ନେଣଦେଣ କାର୍ଯ୍ୟ ଠପ୍ ହୋଇ ପଡ଼ିଛି। ଲୋକଙ୍କ ପାଖରେ ଏହି ସୂଚନା ନ ଥିବାରୁ ଡହଡହ ଖରାରେ ଲୋକେ ଯାଇ ନିରାଶରେ ଫେରୁଛନ୍ତି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯେଉଁମାନେ କେବଳ ପୋଷ୍ଟ ଅଫିସରେ ନେଣଦେଣ କରୁଛନ୍ତି ସେମାନଙ୍କର ଆର୍ଥିକ ଅବସ୍ଥା କହିଲେ ନସରେ। ଫଳରେ ଗ୍ରାହକଙ୍କ ଡାକଘର ପ୍ରତି ଆସ୍ଥା ତୁଟିଲାଣି। ତେବେ ଏ ନେଇ ପୋଷ୍ଟ ମାଷ୍ଟରଙ୍କୁ ପଚାରିବାରୁ ଘଟଣା ବାବଦରେ ବାରିପଦା ଡିଭିଜନ ଅଫିସକୁ ଜଣାଇଥିବା କହିଛନ୍ତି। ତେବେ ଦୁଇ ତିନି ଦିନ ମଧ୍ୟରେ ସେବା ନ ମିଳିଲେ ଗ୍ରାହକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସରକାରୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର




**ବାରିପଦା, ୨୭ ।୪(ସମିସ):** ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଆନୁକୂଲ୍ୟରେ 'ନିର୍ବାଚନ: ପରିକଳ୍ପନା ଓ ବାସ୍ତବତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡଃ. ଦେବପ୍ରିୟା ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତୃତୀୟ ବର୍ଷର ଛାତ୍ରୀ ଶ୍ରୁତି ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାବିଦ୍ୟାଳୟର ଅଧକ୍ଷା ଡଃ. ସାଗରିକା ସିଂହ ଆଲୋଚ୍ୟ ବିଷୟ ସମ୍ପର୍କରେ ନିଜର ମତ ରଖିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ କୁମାରେଶ ନାୟକ ବିଷୟ ସମ୍ପର୍କରେ ଧାରଣା ପ୍ରଦାନ କରିବା ସହ ନିର୍ବାଚନୀ ବର୍ଷ ୨୦୨୪ ପରିପ୍ରେକ୍ଷୀରେ ବିଷୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଆଞ୍ଚଳିକ ମହାବିଦ୍ୟାଳୟ ଗଡ଼ିଆର ଅଧକ୍ଷ ତଥା ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ସନ୍ଦୀପ କୁମାର ଚାନ୍ଦ ଯୋଗଦେଇ ବିଶଦ ଭାବରେ ବିଷୟ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରୀମାନଙ୍କ ମାର୍ଗଦର୍ଶନ କରିଥିଲେ। ସର୍ବଶେଷରେ ଛାତ୍ରୀ ସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ପରଠୁ ନିର୍ବାଚିତ ହୋଇନାହାନ୍ତି ଜଣେ ବି ମହିଳା

### ଉଦଳା ନିର୍ବାଚନୀ ଇତିହାସ

**ଉଦଳା, ୨୭।୪(ସମିସ):** ଏବେ ସବୁଠି ମହିଳା ସଶକ୍ତିକରଣ ଓ ମହିଳା ବି ପୁରୁଷଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ପ୍ରଚାର ପ୍ରସାର ଜୋର ଧରିଛି। କେତେବେଳେ ପଞ୍ଚାୟତରେ ୫୦ ପ୍ରତିଶତ ସଂରକ୍ଷଣ ତ କେତେବେଳେ ସାଧାରଣ ନିର୍ବାଚନରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ମହିଳାଙ୍କୁ ଉତ୍ସାହିତ କରିବା ସ୍ୱାଭାବିକ ପ୍ରସଙ୍ଗ। ତେବେ ମୟୂରଭଞ୍ଜ ଜିଲ୍ଲାର ଉଦଳା ଏପରି ଏକ ନିର୍ବାଚନ ମଣ୍ଡଳୀ ଯେଉଁଠି କି ସ୍ୱାଧୀନତାର ୭୭ ବର୍ଷ ପରେ ବି ଜଣେ ନିର୍ବାଚିତ ମହିଳା ବିଧାୟକଙ୍କୁ ଦେଖିନାହାନ୍ତି। ଉଦଳା ସଂରକ୍ଷିତ ଆସନରେ ମନମୋହନ ଟୁଡୁ ଓ ରାବଣେଶ୍ୱର ମଢେଇ ୪ ଥର, ଭାସ୍କର ମଢେଇ ୩ ଥର ଏବଂ ବୀରଭଦ୍ର ସିଂ, ରୋହୀଦାସ ସୋରେନ, ଶ୍ରୀନାଥ ସୋରେନ ଓ ଗୋଲକ ବିହାରୀ ନାୟକ ଥରେ ଲେଖାଏଁ ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଚଳିତ ନିର୍ବାଚନ ଓ ଗତ ଦୁଇଟି ନିର୍ବାଚନରେ ମହିଳା ଭୋଟର ପୁରୁଷଙ୍କଠାରୁ ଅଧିକ ରହିଛି। ଚଳିତ ନିର୍ବାଚନରେ ମହିଳା ଭୋଟର ସଂଖ୍ୟା ୧୦୨୦୭୫ ରହିଥିବାବେଳେ ୨୦୧୯ ନିର୍ବାଚନରେ ମଧ ମହିଳା ଭୋଟର ସଂଖ୍ୟା ୯୬୭୦୮ ରହିଥିଲା; ଯାହାକି ୫୦ ପ୍ରତିଶତରୁ ଅଧିକ। ଅପରପକ୍ଷରେ ବର୍ତ୍ତମାନ ଉଦଳା ଏନଏସି, ଉଦଳା ବ୍ଲକ, ଗୋପବନ୍ଧୁ ନଗର ବ୍ଲକରେ ମୁଖ୍ୟଭାବେ ମହିଳା ଶାସନ ଭାର ସମ୍ଭାଳୁଛନ୍ତି। ଉଦଳା ବ୍ଲକରେ ୯୦ ଦଶକରେ ଜନତା ଦଳ ସମର୍ଥନରେ ପ୍ରଥମ ପଞ୍ଚାୟତ ସମିତି ଅଧକ୍ଷ ପଦ ମହିଳାଙ୍କୁ ମିଳିଥିଲା। ସେହିପରି ୨୦୦୭ମସିହାରୁ ଉଦଳା ବ୍ଲକ ଅଧକ୍ଷ ପଦ ମହିଳାଙ୍କ କବଜାରେ ରହିଛି। ତେବେ ଆଜି ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳ ଜଣେ ବି ମହିଳା ପ୍ରାର୍ଥୀଙ୍କୁ ବିଧାୟକ ହେବାର ସୁଯୋଗ ଦେଇପାରିନି। ନିର୍ବାଚନ ପୂର୍ବରୁ ମହିଳା ନେତୃମଣ୍ଡଳୀ ବିଭିନ୍ନ ରାଜନୈତିକ ଦଳ ବିଶେଷ କରି ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ନିଜକୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିପାଦିତ କରି ସହରଠାରୁ ଗ୍ରାମାଞ୍ଚଳରେ ଶୁଭେଚ୍ଛା ବାର୍ତ୍ତାର ବ୍ୟାନର ମାରି ଆସୁଥିଲେ ହେଁ ଏ ପର୍ଯ୍ୟନ୍ତ ସ୍ୱାଧୀନତାର ୭୭ ବର୍ଷ ପରେ ବି କୌଣସି ମହିଳା ଏହି ଆସନରେ ବିଧାୟକ ହେବାର ସୁଯୋଗ ପାଇନାହାନ୍ତି।



ସ୍ୱାଧୀନତାର ୭୭ବର୍ଷ ପରେ ବି ମହିଳା ବିଧାୟକ ନ ହେବା ଦୁର୍ଭାଗ୍ୟଜନକ। ମହିଳା ସବୁକ୍ଷେତ୍ରରେ ପୁରୁଷଠାରୁ ଦକ୍ଷ ଓ ଦୁର୍ନୀତି ମୁକ୍ତ। ତେଣୁ ସୁଯୋଗ ଦେବା ଜରୁରୀ। ମହିଳାଙ୍କୁ ରାଜନୀତିରେ ସୁଯୋଗ ଦେଲେ, ଏକ ବଳିଷ୍ଠ ସମାଜ ଗଠନ ହୋଇପାରିବ।

**-ପ୍ରମିଳା ପଣ୍ଡା, ନଗରପାଳ, ଉଦଳା ଏନ୍ଏସି**



ମହିଳାଙ୍କୁ ମଧ ସମାନ ଭାବରେ ରାଜନୀତିଠାରୁ ସବୁ କ୍ଷେତ୍ରରେ ସୁଯୋଗ ମିଳିବା ଆବଶ୍ୟକ। ନାରୀ କେବଳ ରୋଷେଇଶାଳର ଶୋଭା ବର୍ଦ୍ଧନ ପାଇଁ ନୁହେଁ। ମହିଳାଙ୍କୁ ସୁଯୋଗ ମିଳିଥିଲା ବୋଲି ଇନ୍ଦିରା ଗାନ୍ଧୀ, ନନ୍ଦିନୀ ଦେବୀ, ମମତା ବାନାର୍ଜୀ ପରି ଦକ୍ଷ ନେତୃତ୍ୱ ସାରା ଦେଶ ଦେଖିଛି।

**-ଆରତୀ ପାଲ, ବରିଷ୍ଠ ନାଗରିକ ତଥା ଗୃହିଣୀ, ଉଦଳା**



ମହିଳା ନେତୃତ୍ୱରେ ହିଁ ପରିବର୍ତ୍ତନ ସମ୍ଭବ; ମାତ୍ର ପ୍ରତିକୂଳତା ମଧ୍ୟରେ ଦକ୍ଷତା ପ୍ରତିପାଦନ କରି ମହିଳାଙ୍କୁ ସୁଯୋଗ ନ ମିଳିବା ମହିଳାଙ୍କ ପ୍ରତି ଅସମ୍ମାନ ସଦୃଶ। ଆଗାମୀ ଦିନରେ ମହିଳା ସବୁକ୍ଷେତ୍ରରେ ନିଜର ସ୍ଥାନ ସୁରକ୍ଷିତ କରିବ ନିଶ୍ଚିତ।

**-ସବିତା ହଁସାଦ, ପୂର୍ବତନ ବ୍ଲକ ଅଧକ୍ଷ, ଉଦଳା**



ରାଜନୀତିରେ ନାରୀଙ୍କୁ ସୁଯୋଗ ଉଦଳା ଭଳି ପଛୁଆ ଅଞ୍ଚଳରେ ଆବଶ୍ୟକ ରହିଛି। ଆଜି ପର୍ଯ୍ୟନ୍ତ ୧୫ ଜଣ ପୁରୁଷ ବିଧାୟକ ନିର୍ବାଚିତ ହୋଇ ବି ଉଦଳା ପଛୁଆ ଏବଂ ଗରିବ ଅଞ୍ଚଳରେ ଗଣତି ହେଉଛି। ତେଣୁ ମହିଳାଙ୍କୁ ସୁଯୋଗ ଦେବାର ସମୟ ଆସିଛି।

**-ସୁଲୁମଣି ମଢେଇ, ପୂର୍ବତନ ସରପଞ୍ଚ**

## ଥାନା ପରିସରରେ ଜଳଛତ୍ର ଉଦ୍‌ଘାଟିତ



**ଉଦଳା, ୨୭।୪(ସମିସ):** ଗୁରୁବାର ଉଦଳା ଥାନା ପରିସରରେ ଅସ୍ଥାୟୀଭାବେ ଏକ ଜଳଛତ୍ର ଆରମ୍ଭ ହୋଇଛି। ଥାନା ଅଧିକାରୀ ବନମାଳୀ ବାରିକ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଜଳଛତ୍ର ଖୋଲିବା ପରେ ଥାନାକୁ ଆସୁଥିବା ଜନସଧାରଣ ତଥା ବସଯାତ୍ରୀ ଓ ପଥଚାରୀ ତୃଷା ମେଣ୍ଟାଇପାରିବେ। ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ ପହଞ୍ଚି ଏହି ଜଳଛତ୍ର ଲୋକଙ୍କ ପାଇଁ ଜରୁରୀ ହୋଇପଡ଼ିଛି ବୋଲି କହିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ କାରଣରୁ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ଅବସରରେ ପଥଚାରୀ ଏବଂ ଜନସାଧାରଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ଉଦଘାଟନ କାର୍ଯ୍ରକ୍ରମରେ ସରୋଜ କୁମାର ଜେନା, ଏସ. ନାୟକ, ଲିଟାରାମ ମୁର୍ମୁ, ନିବେଦିତା ଦାସ, କେ. ସେଠୀ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।



## ଶିମିଳିପାଳରେ ପୁଣି ୪୬ଟି ଫାୟାର ପଏଣ୍ଟ ଚିହ୍ନଟ

# ବନାଗ୍ନିକୁ ରୋକିବା ପାଇଁ ଓଡ୍ରାଫ ଓ ଦମକଳବାହିନୀର ଉଦ୍ୟମ

**ବାରିପଦା, ୨୭ ।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ତାପମାତ୍ରାର ପାରଦ ବୃଦ୍ଧି ଯୋଗୁଁ ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ଥମିବା ନାମ ନେଉନାହିଁ। ପ୍ରତିଦିନ ଚିହ୍ନଟ ଫାୟାର ପଏଣ୍ଟ ସ୍ଥଳରେ ନିଆଁକୁ ଆୟତ୍ତ କରାଯାଉଥିବା ବେଳେ ତା ପରଦିନ ନୂତନ ଫାୟାର ପଏଣ୍ଟ ପୁଣି ଚିହ୍ନଟ ହେଉଛି। ଶନିବାର ସମୁଦାୟ ୪୬ଟି ନୂତନ ଫାୟାର ପଏଣ୍ଟ ଚିହ୍ନଟ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ୪୬ଟି ଫାୟାର ପଏଣ୍ଟ ମଧ୍ୟରୁ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡରେ ୨୮ଟି, ଦକ୍ଷିଣ ବନଖଣ୍ଡରେ ୧୮ଟି ଚିହ୍ନଟ ହୋଇଛି। ଉକ୍ତ ବନାଗ୍ନି ସ୍ଥିତି ନିୟନ୍ତ୍ରଣ ନିୟୋଜିତ ବନ କର୍ମଚାରୀ ସମେତ ୨୬ ଜଣ ଓଡ୍ରାଫ ଟିମ, ଅଗ୍ନିଶମ ବାହିନୀ ଫାୟାର ପଏଣ୍ଟରେ ପହଞ୍ଚି ବନାଗ୍ନି ସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଫାୟାର ଲାଇନ ସୃଷ୍ଟି କରିବା ସହ ବନାଗ୍ନିକୁ ରୋକିବା ପ୍ରୟାସ କାର୍ଯ୍ୟ ଫଳରେ ସ୍ଥିତି ନିୟନ୍ତ୍ରଣ ହୋଇଛି। ନିଆଁ ଲାଗିବାର କିଛି ସମୟମଧ୍ୟରେ ଲିଭାଇବା ପାଇଁ ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମ ଫଳରେ ବନାଗ୍ନି ସମ୍ପୂର୍ଣ୍ଣ ଆୟତ୍ତ ହୋଇଛି। ଗ୍ରୀଷ୍ମପ୍ରବାହ ମାତ୍ରା ବୃଦ୍ଧି ପାଇବା ସହ ଶିମିଳିପାଳ ଅଭୟାରଣ୍ୟରେ ଫାୟାର ପଏଣ୍ଟ ବୃଦ୍ଧି ପାଉଛି। ତେବେ ଗରମ ସମେତ ବନାଗ୍ନି ଫଳରେ ଶିମିଳିପାଳ ଅଭୟାରଣ୍ୟର ବନ୍ୟଜନ୍ତୁ ଗରମ ତାତିରେ ଆଉଟ ପାଉଟ ହେଉଛନ୍ତି। ପ୍ରତିଦିନ କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବା ସହ ବନାଗ୍ନି ସ୍ଥିତି ମଧ ବଢ଼ିବାରେ ଲାଗିଛି। ବନାଗ୍ନି ଘଟଣାକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଫାୟାର ପଏଣ୍ଟଗୁଡିକୁ ନେଇ ଏକ ମ୍ୟାପ ପ୍ରସ୍ତୁତ ମଧ ହୋଇଛି। ବନାଗ୍ନି ସ୍ଥିତି ଉପୁଜିବା ମାତ୍ରେ ବନ କର୍ମଚାରୀ ପହଞ୍ଚି ନିୟନ୍ତ୍ରଣ ପାଇଁ ପ୍ରୟାସ ଆରମ୍ଭ କରି ଦେଉଛନ୍ତି।

## ଗଛରେ ଦଶେରୀ ଆମ୍ବ ଭର୍ତ୍ତି; ଦେଖାଯାଉନି ପତ୍ର

# ଚାଷୀର ମନ କୁଣ୍ଢେମୋଟ



**ବାଙ୍ଗିରିପୋଷି, ୨୭।୪(ସମିସ)**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷୀ ବ୍ଲକର ବ୍ରାହ୍ମଣଗାଁ ପଞ୍ଚାୟତର ବାସ୍କିତୋଳା ଗ୍ରାମରେ ଉନ୍ନତ ମାନର ଆମ୍ବଚାଷ ପାଇଁ ବେଶ ପ୍ରସିଦ୍ଧ। ଏହି ଗାଁ ଜିଲ୍ଲାରେ ଆମ୍ବ ବେପାରର ପେଣ୍ଠସ୍ଥଳୀ ଭାବେ ବେଶ ପରିଚିତ। ବାସ୍କିତଳା ଗ୍ରାମରେ ମୋଟ ୨୦ ହେକ୍ଟର ଜମିରେ ହୋଇଛି ଆମ୍ବ ଚାଷ। ପ୍ରମୁଖ ଉତ୍ପାଦିତ ହେଉଥିବା ଆମ୍ବ କିସମ ଅନୁସାରେ ମଧ୍ୟରେ ଦଶେରୀ, ଲେଙ୍ଗଡା, ସୁନ୍ଦରୀ, ହାତୀଝୁଲ, ବାଇଗଣ ପଲେଇ, ଗୋପାଳଭୋଗ, ମୋହନଭୋଗ, ଆମ୍ରପାଲୀ, ମଲ୍ଲିକୀ, କଳାପାହାଡ, ଲାଟସୁନ୍ଦରୀ ସମେତ ବିଭିନ୍ନ ଦେଶୀ ଆମ୍ବ ଚାଷ ହୋଇଥାଏ। ଏହି ସ୍ୱାଦିଷ୍ଟ ଓ ଉଚ୍ଚମାନର ଆମ୍ବର ରାଜ୍ୟ ତଥା ରାଜ୍ୟ ବାହାରେ ମଧ ବେଶ ଚାହିଦା ରହିଥାଏ। ଚଳିତବର୍ଷ ଅନ୍ୟ ଆମ୍ବ ଅପେକ୍ଷାଏ ଦଶେରୀ ଆମ୍ବ ଭଲ ଫଳଦେଇଛି। ଦଶେରୀ ଆମ୍ବ ଫଳକୁ ଦେଖି ଭଲ ଅମଳ ହେବ ଏହି ଆଶା ରଖିଛି ଚାଷୀ। କିନ୍ତୁ ପ୍ରକୃତି ଦାଉ ସାଧୁଛି। ବର୍ତ୍ତମାନ ଆମ୍ବକୁ କୁଆପଥର ଓ ଝଡତଫାନକୁ ଡର ବୋଲି ଚାଷୀ ରାଜେନ୍ଦ୍ର ମୁର୍ମୁ କହିଛନ୍ତି। ପାଣିପାଗ ଠିକଥିବାରୁ ଚଳିତ ଥର ଅନ୍ୟ ଆମ୍ବ ଅପେକ୍ଷା ଆମ୍ବଗଛରେ ପତ୍ର ଦେଖାଯାଉ ନି କେବଳ ଦଶେରୀ ଆମ୍ବର ସମ୍ଭାର।ଏହା ଦେଖି ଦଶେରୀ ଆମ୍ବଗଛ ଥିବା ଚାଷୀ ମନକୁଣ୍ଢେମୋଟ। ଚଳିତବର୍ଷ ଅତ୍ୟଧିକ କୁହୁଡି ହୋଇ ନଥିବାରୁ ଚାଷ ଭଲ ହୋଇଛି। ବଜାରରେ ମିଳୁଥିବା କୀଟନାଶକ ପାଣିରେ ମିଶାଇ ଗଛରେ ସ୍ପ୍ରେ କରିବା ଆବଶ୍ୟକ। କୀଟନାଷକ ପାଣି ଯେପରି ପ୍ରତିଟି ପତ୍ର ଏବଂ ଆମ୍ବରେ ପଡ଼ିବ ସେଥିପ୍ରତି ଦୃଷ୍ଟିଦେବା ଦରକାର। କୀଟନାଶକ ସ୍ପ୍ରେ ଆମ୍ବ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। କାରଣ ଆମ୍ବ ବଡ ହୋଇ ପାଚିବାକୁ ଅଧିକ ଦିନ ଲାଗିଥାଏ। ଉକ୍ତ ସମୟ ଭିତରେ ସ୍ପ୍ରେ କରାଯାଉଥିବା କୀଟନାଶକ ପ୍ରଭାବ ନଷ୍ଟ ହୋଇ ଯାଉଛି ବୋଲି କୁହନ୍ତି ଚାଷୀ। ବାସ୍କିତୋଳା ଦଶେରୀ ଉତ୍ପାଦକ ଗ୍ରୁପ। ପ୍ରତ୍ୟେକ ବର୍ଷ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଟନ ଆମ୍ବ ଉତ୍ପାଦନ ହୋଇ ଜିଲ୍ଲା ତଥା ବାହାରର ବିଭିନ୍ନ ରାଜ୍ୟକୁ ରପ୍ତାନୀ ହୋଇଥାଏ। ପ୍ରତ୍ୟେକ ବର୍ଷ ଉତ୍ପାଦିତ ଆମ୍ବ ଓରମାସ ମାଧ୍ୟମରେ ବଜାରକୁ ଯୋଗାଇ ଦିଆଯାଇଥାଏ। ଚାଷୀ କେମିତି ଅଧିକ ଅମଳ କରିବେ ଓ ଅଧିକ ଲାଭବାନ ହେବେ ସେ ନେଇ ମୟୂରଭଞ୍ଜ ଜିଲାର ବାଙ୍ଗିରପୋଷୀ ସମେତ ସାରସକଣା, କୁଳିଅଣା, ଶୁଳିଆପଦା, ଖୁଣ୍ଟା, ବେତନଟୀ, ମୋରଡା, ଉଦଳା, କୁସୁମୀ, ଯଶିପୁରକୁ ମିଶାଇ ୧୦ଟି ବ୍ଲକର ୧୬ଟି ଉତ୍ପାଦକ ସଂଘ ରହିଛି। ଏହିସବୁ ୧୦ଟି ବ୍ଲକରେ ମୋଟ ୬୦୦ ସଦସ୍ୟ ଓ ଆମ୍ବଚାଷୀଙ୍କୁ ନେଇ ମୟୂରଭଞ୍ଜ ଫଳ, ପନିପରିବା, କୃଷି ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି। ପଞ୍ଚାୟତିରାଜ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଉଦ୍ୟାନ ବିଭାଗ, ଆଇଟିଡିଏ, ଜୀବିକା ମିଶନ, ଏମଏନଆରଇଜିଏ ମାଧ୍ୟମରେ ଚାଷୀଙ୍କୁ ବୈଷୟିକ ସହାୟତା, ପରାମର୍ଶ ତଥା କର୍ମନିଯୁକ୍ତି ପ୍ରଦାନ କରାଯାଇଥାଏ।ଏବର୍ଷ ଦଶେରୀ ଆମ୍ବଗଛରେ ଭଲ ଫଳିଥିବା ଦେଖି ଚାଷୀଙ୍କ ମନରେ ଖୁସୀର ଲହରୀ ଖେଳିଯାଇଛି।

# ଶରତ ଓ ଉଦଳାରେ ବିଜେଡିର ପ୍ରଚାର ଜୋର୍‌ଦାର

କପ୍ତିପଦା, ୨୭।୪(ସମିସ): କରଞ୍ଜିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶରତଠାରେ କରଞ୍ଜିଆ ଲୋକସଭା ପାଇଁ ପ୍ରାର୍ଥୀ



ଧନୁର୍ଜୟସିଂ ସିଦ୍ଧୁ ଓ କରଞ୍ଜିଆ ବିଧାନସଭା ପ୍ରାର୍ଥିନୀ ବାସନ୍ତୀ ହେମ୍ବ୍ରମ ଶନିବାର ମିଳିତଭାବେ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ବିଜେଡି ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ଥାନୀୟ କାଦବାହାଳୀ ଛକରୁ ଏକ ବାଇକ ଶୋଭାଯାତ୍ରାରେ ପ୍ରାର୍ଥୀଙ୍କୁ ପାଛୋଟି ନିଆ ଯାଇଥିଲା। ଉଭୟ ପ୍ରାର୍ଥୀ ଶରତ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଶ୍ୱନାଥ ବଦ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ୯ଟି ପଞ୍ଚାୟତର ବିଜେଡି କର୍ମୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜନହିତକାରି କାର୍ଯ୍ୟକ୍ରମକୁ ଗାଁ ଗାଁରେ ପହଞ୍ଚାଇବା ପାଇଁ ଯୋଡି ଶଙ୍ଖରେ ମୋହର ମାରିବା ପାଇଁ ନିବେଦନ କରିଥିଲେ ଧନର୍ଜୟ ଓ ବାସନ୍ତୀ। ଏହି ଅବସରରେ ରାମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବୁଲୁସିଂ, ଲାବଣ୍ୟଦେଇପୁର ପଞ୍ଚାୟତର ବିଜେପି ନେତା କେଶବ ବିନ୍ଧାଣିଙ୍କ ସମେତ ବିଭିନ୍ନ ଦଳରୁ ୨୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। କପ୍ତିପଦା ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ବିପିନସିଂ ବଦ୍ରା, କରଞ୍ଜିଆ ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଦେବପ୍ରିୟ ପାତ୍ର, ଛାତ୍ର ସଭାପତି ଆଶିଷ ମାନ୍ନା, ସଂଯୋଜକ ଗିରିଧାରୀ ପୃଷ୍ଟି, ଶରତ ଅଞ୍ଚଳ ୯ଟି ପଞ୍ଚାୟତର ସଂଯୋଜକ ଅମିୟ କୁମାର ବଳ, ଶରତ ସରପଞ୍ଚ ପଦ୍ମାବତୀ ସିଂ, ଲାବଣ୍ୟଦେଇପୁର ସରପଞ୍ଚ ତୁରାମସିଂ, ଜିଲ୍ଲା ପରିଷଦ ସଭ୍ୟ ମାକୁସିଂ, ନୋଟ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ, ଚନ୍ଦ୍ରମୋହନସିଂ ଗାଗରାଇ, ଚନ୍ଦ୍ରଶେଖର ପଣ୍ଡା ଓ ମୁନ୍ନା ମିଶ୍ର ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



**ଉଦଳା :** ଉଦଳା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଜୁନ ୧ ତାରିଖରେ ମତଦାନ ହେବ। ଏହି ଆସନ ପାଇଁ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ହୋଇସାରିଛି। ଏହି ନିର୍ବାଚନମଣ୍ଡଳୀରେ ୩ ପୁରୁଣା ମୁହଁ ସୁଯୋଗ ପାଇଛନ୍ତି। ତେବେ ନିର୍ବାଚନ ପ୍ରଚାରରେ ବିଜେଡି ପ୍ରାର୍ଥୀ ବହୁ ଆଗରେ ରହିଛନ୍ତି। ବିଜେଡିରୁ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କୁ ଦଳ ତୃତୀୟ ଥର ପାଇଁ ପ୍ରାର୍ଥୀ କରିଥିବାବେଳେ ବିଜେପି ବିଧାୟକ ଭାସ୍କର ମଢେଇଙ୍କୁ ପୁଣି ଟିକଟ ଦେଇଛି। ସେହିପରି କଂଗ୍ରେସ ୩୪ ବର୍ଷ ପରେ ପୁଣି ଦ୍ୱିତୀୟ ବାର ଦୁର୍ଗାଚରଣ ଟୁଡୁଙ୍କୁ ପ୍ରାର୍ଥୀ କରିଛି। ତେବେ ପ୍ରଚାରରେ ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନ ବହୁ ଆଗରେ ରହିଛନ୍ତି। ସେ ବହୁ ଦଳୀୟ କର୍ମୀ, କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କୁ ନେଇ ସହରର ସମସ୍ତ ୱାର୍ଡ ଏବଂ ଘରକୁ ଘର ବୁଲି ଭୋଟରଙ୍କୁ ଭୋଟ୍ ଭିକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଓ ଓଡ଼ିଶାର ସ୍ୱାଭିମାନ ବିଜୁ ଜନତା ଦଳ ସପକ୍ଷରେ ଭୋଟ୍ ଦେବାକୁ ନିବେଦ କରୁଛନ୍ତି। ନଗର ସଭାପତି ବନମାଳୀ ବେହେରା, ନଗର କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ସାହୁ, ଉପନଗରପାଳ ଲିଲି ଭୋଳ ସମେତ ବିଜେଡି କାଉନସିଲର ଓ କର୍ମୀ ସାମିଲ ହୋଇ ପ୍ରଚାରକୁ ଜୋରଦାର କରୁଛନ୍ତି।



ଅପରପକ୍ଷରେ ବିଜେପି ପ୍ରାର୍ଥୀ ଭାସ୍କର ମଢେଇ ଦଳୀୟ ଗୋଷ୍ଠୀ କନ୍ଦଳ ମଧ୍ୟରେ ଛନ୍ଦି ହୋଇ ଏ ପର୍ଯ୍ୟନ୍ତ ପ୍ରଚାରରେ ବହୁ ପଛରେ ରହିଛନ୍ତି।

## ସରକାରୀ ସହାୟତା ଅପେକ୍ଷାରେ ଅସହାୟ ବୃଦ୍ଧା



ଖୁଣ୍ଟ, ୨୭।୪(ସମିସ): ଚାରି ମାଟି କାନ୍ଥ ଉପରେ ଛାଉଣି ହୋଇଛି ଆଜବେଷ୍ଟସ। କାଳ ବୈଶାଖୀ ପ୍ରଭାବରେ ଘରର ଉପର ଭାଗ ନଷ୍ଟ ହୋଇ ଯାଇଥିବାରୁ ପଲିଥିନ ଘୋଡାଇ ରଖାଯାଇଛି। ସେହି ଭଙ୍ଗା ଘରେ ରୋଷେଇ, ଖିଆପିଆ ଆଦି ହେଉଛି। ଏଭଳି ବିପଦ ସଂକୁଳ ଅବସ୍ଥାରେ ଥିବା ବାସଗୃହରେ ଦୟନୀୟ ଜୀବନ ବିତାଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ଶୁକୁଳି ବ୍ଲକ ଅନ୍ତର୍ଗତ କୁସୁନପୁର (ଗୋଡ଼ାସାହି) ଗ୍ରାମର ଗୁଲେଇଚ ନାଏକ (୭୨)। ବୟସାଧିକ୍ୟ କାରଣରୁ କାମଧନ୍ଦା କରିପାରୁନାହାନ୍ତି ଗୁଲେଇଚ। ତାଙ୍କର ସାହାରା କେବଳ ଏକ ମାତ୍ର ବିବାହିତା ଝିଅ। ଯୋଗ୍ୟ ହିତାଧିକାରୀ ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ତାଙ୍କୁ ସାମିଲ କରାଯାଇନାହିଁ। ସରକାରୀ ସହାୟତା କହିଲେ କେବଳ ମାସକୁ ୧୦ କେଜି ଚାଉଳ ଓ ୧୦୦୦ ଟଙ୍କା ଭତ୍ତା। ଦୁଃସ୍ଥ, ଗରିବ ଓ ଅସହାୟ ପରିବାର ପାଇଁ ସରକାର ଆବାସ ଯୋଜନା କରିଛନ୍ତି; କିନ୍ତୁ ଏହି ଯୋଜନାରୁ ଗୁଲେଇଚଙ୍କୁ ସାମିଲ କରାଯାଇନାହିଁ। ବ୍ଲକ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଅପହୃତ ନାବାଳିକା ଛତ୍ରପୁରରୁ ଉଦ୍ଧାର

ମୋରଡ଼ା/ବେତନଟୀ, ୨୭।୪(ସମିସ): ବେତନଟୀ ଥାନା ଅନ୍ତର୍ଗତ ଇନ୍ଦିରା ନଗର ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଥିଲା। ଛାତ୍ରୀ ଜଣକ ଗୁରୁବାର କଲେଜକୁ ଯାଉଛି କହି ଘରୁ ଆଉ ଫେରି ନ ଥିଲେ। ଫଳରେ ପରିବାର ବହୁ ଖୋଜାଖୋଜି କରିଥିଲେ ହେଁ ପାଇ ନଥିଲେ। ହେଲେ ହଠାତ ବିଳମ୍ବିତ ରାତିରେ ଛାତ୍ରୀଙ୍କ ନମ୍ବରରୁ ଜଣେ ଅଜଣା ଲୋକ ଫୋନ କଲେ ଏବଂ ଝିଅ ଠିକ ଜାଗାରେ ଅଛି ସମୟ ଆସିଲେ ଘରେ ପହଞ୍ଚିଯିବ ବୋଲି କହି ଫୋନ କାଟି ଦେଇଥିଲେ। ଶେଷରେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସବ୍‌ଇନ୍‌ସପେକ୍ଟର ଛାତ୍ରୀ କଥା ହୋଇଥିବା ଫୋନ ନମ୍ବରର ଶେଷ ଲୋକେସନ ଟ୍ରାପ କରିବାରୁ ଫୋନଟି ବ୍ରହ୍ମପୁର ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ଭଞ୍ଜକିଶୋର କଲୋନୀରେ ସୁଇଚ୍ ଅଫ ହୋଇଛି। ପରେ ପୁଲିସ ଛାତ୍ରୀଙ୍କ ସାଙ୍ଗସାଥୀଙ୍କୁ ପଚରାଉଚରା କରିବାରୁ ଜାଣିବାକୁ ପାଇଲା ଯେ ଝିଅଟି ଇନ୍‌ଷ୍ଟାଗ୍ରାମରେ ଜଣଙ୍କ ସହିତ ଦୀର୍ଘଦିନ ହେବ କଥା ହେଉଛି। ତାପରେ ସାଇବର ସେଲର ସହଯୋଗରେ ସେ ଜାଣିବାକୁ ପାଇଲା ଯେ ଦୀର୍ଘ ଦିନ ହେବ ସେ ଗୋଟେ ନମ୍ବରରେ ବାରମ୍ବାର କଥା ହୋଇଛି। ତେବେ ଛତ୍ରପୁର ଥାନା ପୁଲିସ ସାହାଯ୍ୟରେ ଛାତ୍ରୀ ଏବଂ ସେହି ଯୁବକକୁ ଥାନାରେ ଅଟକ ରଖି ବେତନଟୀରୁ ଏକ ଟିମ ଯାଇ ବ୍ରହ୍ମପୁରରୁ ଉଦ୍ଧାର କରିଛି।

## ମେଘାସନ କଲେଜରେ ଭୋଟର ସଚେତନତା




ପିଙ୍ଗୁ, ୨୭।୪(ସମିସ): ମେଘାସନ ମହାବିଦ୍ୟାଳୟ ସଭାଗୃହରେ ଯୁକ୍ତ ୩ ସ୍ତରର ଛାତ୍ରଛାତ୍ରୀଙ୍କୁ ନେଇ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଘାସନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କପ୍ତିପଦା ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରମୋଦ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ପାଠୀ, ଦର୍ଶନ ଶାସ୍ତ୍ର ବିଭାଗର ପ୍ରାଧ୍ୟାପକ ରମେଶ ଚନ୍ଦ୍ର ନାୟକ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁକ୍ତ ୩ ଛାତ୍ରଛାତ୍ରୀମାନେ ସମସ୍ତେ ନୂଆ କରି ଭୋଟ ଦାନ କରିବାକୁ ଥିବାରୁ ସମସ୍ତେ ଯେପରି ଦଳମତ ନିର୍ବିଶେଷରେ କାହାରି ପ୍ରରୋଚନାରେ ନ ପଡ଼ି ଯୋଗ୍ୟ ବ୍ୟକ୍ତିକୁ ନିର୍ବାଚିତ କରି ଗଣତନ୍ତ୍ରକୁ ସୁଦୃଢ଼ କରିବେ ସେ ବିଷୟରେ ବକ୍ତାମାନେ ମତ ରଖିଥିଲେ। ଶେଷରେ ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପରିଚାଳନା କରିଥିଲେ। ପରେ ଏକ ଶୋଭାଯାତ୍ରା ବାହାରିଥିଲା।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବାରିପଦା, ୨୭।୪(ସମିସ): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକତା କରି ଚାକିରିରୁ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ଅମୂଲ୍ୟ କୁମାର ଦାଶଙ୍କ ପରଲୋକ ଘଟିଛି। ସେ ପରବର୍ତ୍ତୀ ସମୟରେ ବାଙ୍ଗିରିପୋଷି ସ୍ଥିତ ଦ୍ୱାରଶୁଣୀ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦରୁ ଅବସର ନେଇଥିଲେ। ସେ ଜଣେ ସ୍ୱନାମଧନ୍ୟ ଛାତ୍ରବତ୍ସଳ ଶିକ୍ଷକ ଭାବରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା। ତାଙ୍କ ବିୟୋଗରେ ତାଙ୍କର ଅଗଣିତ ଛାତ୍ର ତାଙ୍କ ବାରିପଦା ବାଘରାରୋଡ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ଅଙ୍ଗାଙ୍ଗୀ ଭାବେ ଜଡିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ଉପଖଣ୍ଡ ଡାକ୍ତରଖାନା ଲିଫ୍ଟ ଅଚଳ; ରୋଗୀ ହନ୍ତସନ୍ତ

କରଞ୍ଜିଆ, ୨୭।୪(ସମିସ): ପାଞ୍ଚପୀଢ ଉପଖଣ୍ଡ ୫ଟି ବ୍ଲକ ଓ ଗୋଟିଏ ଏନଏସିକୁ ନେଇ ଗଠିତ। କରଞ୍ଜିଆ ବଜାରରେ ରୋଗୀ ସେବା ପାଇଁ ୧୮୯୨ ମସିହାରେ ପ୍ରତିଷ୍ଠା କରାଯାଇଛି ଉପଖଣ୍ଡ ଚିକିତ୍ସାଳୟ। ଏହି ଚିକିତ୍ସାଳୟରେ ୫ଟି ବ୍ଲକ ସମେତ ଉଦଳା ଏନଏସିବାସୀ ନିର୍ଭରଶୀଳ। କେନ୍ଦୁଝର ଜିଲ୍ଲାର ସାହାରପଡ଼ା ଓ ପାଟଣା ବ୍ଲକ ଓ ଝାଡ଼ଖଣ୍ଡ ରାଜ୍ୟରୁ ବେନିସାଗର, ମଝିଗାଁ ଓ କୋଲପୋଷ ଗ୍ରାମର ଶହଶହ ରୋଗୀ ପ୍ରତ୍ୟେକ ଦିନ ଏଠାକୁ ଆସିଥାନ୍ତି। ରାଜ୍ୟ ସରକାର ୫ ମହଲା ବିଶିଷ୍ଟ କୋଠା ନିର୍ମାଣ କରିବା ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦେଇଛନ୍ତି। ଉନ୍ନତ ଧରଣର ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଡାକ୍ତରଖାନା ପରିସରରେ କିଛି ଘର ନିର୍ମାଣ ଶେଷ ହୋଇଥିବାବେଳେ କେତେକ ନିର୍ମାଣାଧୀନ ରହିଛି। ରୋଗୀଙ୍କ ନିମନ୍ତେ ଡାକ୍ତରଖାନାରେ ଲିଫ୍ଟର ବ୍ୟବସ୍ଥା କରାଯାଇଛି। ଲିଫ୍ଟ ଚଳାଇବା ପାଇଁ ଚାଳକ ମଧ୍ୟ ନିଯୁକ୍ତି




ହୋଇଛନ୍ତି। ଡାକ୍ତରଖାନାରେ ଦୁଇଟି ଲିଫ୍ଟ ରହିଥିବାବେଳେ ଗୋଟିଏ କେବଳ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ରୋଗୀ ଏବଂ ସମ୍ପର୍କୀୟଙ୍କ ପାଇଁ ଥିବା ଲିଫ୍ଟଟି ଦୀର୍ଘଦିନ ହେବ ଅଚଳ ହୋଇ ରହିଥିବାରୁ ବହୁ ଅସୁବିଧା ଭୋଗୁଛନ୍ତି। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କମ୍ପାନୀ ଲୋକ ଆସିଲେ ମରାମତି ହେବ ବୋଲି କହି ହାଲୁକା ଭାବେ ପାର ହୋଇଯାଉଛନ୍ତି। ସେହିପରି ଡାକ୍ତରଖାନାରେ ଥିବା ଆମ ଶୌଚାଳୟ ମଧ୍ୟ କାମରେ ଲାଗୁନାହିଁ। ଏଠାରେ ବିଶେଷଜ୍ଞ ଡାକ୍ତର ସହିତ ୨୩ ଜଣ ଡାକ୍ତର ପଦ ରହିଛି; ହେଲେ ଆବଶ୍ୟକ ଅନୁସାରେ ଡାକ୍ତର ନ ଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ମେଡ଼ିସିନ ସ୍ପେଶାଲିଷ୍ଟ, ଶିଶୁ ସ୍ପେଶାଲିଷ୍ଟ, ସର୍ଜରୀ ସ୍ପେଶାଲିଷ୍ଟ, ଚକ୍ଷୁ ସ୍ପେଶାଲିଷ୍ଟ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ଚକ୍ଷୁ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ବର୍ଷ ବର୍ଷ ଧରି ତାଲା ପଡ଼ିଛି। ତାଲା ପଡ଼ିବା ଯୋଗୁଁ ଏବେ ଭୂତକୋଠିରେ ପରିଣତ ହୋଇଛି। ବିଶେଷକରି ଏବେ ଡାକ୍ତରଖାନା ପରିସରରେ ଦଲାଲ ସକ୍ରିୟ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଆଲୋଚନାଚକ୍ର

ଉଦଳା, ୨୭।୪(ସମିସ): କୁଣ୍ଡାବାଇ ସ୍ଥିତ ଆର୍.ଡି.ଏସ୍. ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇତିହାସ ବିଭାଗ ତରଫରୁ 'ରି - ଭିଜିଟିଙ୍ଗ ସଲ୍ଟ ସତ୍ୟାଗ୍ରହ ଇନ୍ ଓଡ଼ିଶା; ଇଟ୍ସ୍ ରେସପନ୍ସ ଇନ୍ ବାଲେଶ୍ୱର ଡିଷ୍ଟ୍ରିକ୍ଟ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର




ଅଧ୍ୟକ୍ଷ ତଥା ଇତିହାସ ବିଭାଗର ମୁଖ୍ୟ ଡ଼ଃ ପ୍ରଦୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଡ଼ଃ ଗିରି ବକ୍ତବ୍ୟ ପ୍ରସଙ୍ଗରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଗୁଜୁରାଟର ଦାଣ୍ଡି ଏବଂ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଇଞ୍ଚୁଡ଼ି ଠାରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନର ପ୍ରଭାବ କିଭଳି ସମସ୍ତ ଦେଶବାସୀଙ୍କୁ ଚକିତ କରିଦେଇଥିଲା ଏବଂ ଏହି ଲବଣ ସତ୍ୟାଗ୍ରହରେ ଓଡ଼ିଶାର ଅନେକ୍ ବୀର ପୁରୁଷ ଯୋଗଦେଇ ଲବଣ ସତ୍ୟାଗ୍ରହ ଆନ୍ଦୋଳନକୁ କିଭଳି ତୀବ୍ରତର କରିଥିଲେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କପ୍ତିପଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ଲିପିକା ବେହେରା ଯୋଗଦେଇ ଇଞ୍ଚୁଡ଼ିର ଲବଣ ସତ୍ୟାଗ୍ରହରେ ବହୁ ନାରୀନେତ୍ରୀ ରମା ଦେବୀ, ମାଳତୀ ଚୌଧୁରୀ, ସୁଭଦ୍ରା ମହାତାବ ପ୍ରମୁଖ କିଭଳି ଏହି ଆନ୍ଦୋଳନକୁ ଆଗେଇ ନେଇଥିଲେ ଏଥିସହ ନାରୀ ସମାଜରେ କିଭଳି ନବଜାଗରଣ ସୃଷ୍ଟି ହୋଇଥିଲା ସେ ବିଷୟରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଡ. ଅନୁରାଧା ପାତ୍ର ସ୍ୱାଗତ ଭାଷଣ ଦେବାସହ ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଆଲୋଚନା ଚକ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଇତିହାସ ବିଭାଗର ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ୭ କୃତୀ କ୍ୟାଡେଟଙ୍କୁ ର୍‍ୟାଙ୍କ ପ୍ରଦାନ



ପିଙ୍ଗୁ, ୨୭।୪(ସମିସ): ମେଘାସନ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ୟୁନିଟ୍ ତରଫରୁ ସିନିୟର ଏନସିସି କ୍ୟାଡେଟଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କୃତୀ କ୍ୟାଡେଟମାନଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡା. ନିରଞ୍ଜନ ପାଠୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ନାୟକ, ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି, ବରିଷ୍ଠ ପ୍ରାଧ୍ୟାପକ ଫନିଭୂଷଣ ପୁଥାଳ, ପ୍ରାଧ୍ୟାପିକା ଡ. ଶୁଭଦର୍ଶିନୀ ମହାନ୍ତି, ଲେଫ୍‌ଟନାଣ୍ଟ ଅରୁଣ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କ୍ୟାଡେଟମାନଙ୍କୁ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଶୃଙ୍ଖଳିତ ହୋଇ ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୭ ଜଣ କ୍ୟାଡେଟଙ୍କୁ ସେମାନଙ୍କର ଯୋଗ୍ୟତା ଅନୁସାରେ ର୍‍ୟାଙ୍କ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଦୁଇ ଜଣ ସିନିୟର ଅଣ୍ଡର ଅଫିସର, ଦୁଇ ଜଣ ଜୁନିୟର ଅଣ୍ଡର ଅଫିସର, ଦୁଇଜଣ ସର୍ଜେଣ୍ଟ ଓ ଜଣଙ୍କୁ କମ୍ପାନୀ ସର୍ଜେଣ୍ଟ ର୍‍ୟାଙ୍କ ପ୍ରଦାନ କରାଯାଇଥିଲା। ପରେ ଶପଥ ପାଠ କରାଇଥିଲେ। ଅଧ୍ୟାପିକା ସାଗରିକା ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହିତ ସେମାନଙ୍କର ପରିଚୟ ଦେଇଥିଲେ।

## ଆସେକା ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ରାଇରଙ୍ଗପୁର, ୨୭।୪(ସମିସ): ରାଜ୍ୟ ସରକାର ୧୯୯୨ ମସିହାରେ ୩୦ଟି ସାନ୍ତାଳୀ ବହୁଳ ଗ୍ରାମରେ ୩୦ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ତେବେ ଏହି ସାନ୍ତାଳୀ ଭାଷାରେ ଅଲଚିକି ଲିପି ଶିକ୍ଷା ଯୋଜନା ଠିକ ଭାବରେ କାର୍ଯ୍ୟକାରୀ ନ ହେବା ପରେ ରାଜ୍ୟ ସରକାର ୨୦୦୭ ମସିହାରେ ଅଲଚିକି ଗୋଷ୍ଠୀର ଲୋକଙ୍କୁ ମୋବିଲାଇଜ୍ କରିବା ସକାଶେ ୧୦୦ ଜଣ ଶିକ୍ଷକଙ୍କୁ ସାନ୍ତାଳୀ ବହୁଳ ଗ୍ରାମରେ ଅଲଚିକି କମ୍ୟୁନିଟି ମୋବିଲାଇଜର ଭାବରେ ନିଯୁକ୍ତି ଦେଇଥିଲେ କିନ୍ତୁ ଏଥିରେ ମଧ୍ୟ ଅଲଚିକି କମ୍ୟୁନିଟି ମୋବିଲାଇଜର ଅଲଚିକି ଲିପି ଶିକ୍ଷା ପାଇଁ ଅଲଚିକି ଗୋଷ୍ଠୀମାନଙ୍କ ମଧ୍ୟରେ ବ୍ୟତିକ୍ରମ ଦେଖାଯାଇଥିଲା। ଏହା ପରେ ରାଜ୍ୟ ସରକାର ୨୦୧୪ ରେ ସାନ୍ତାଳୀ ବହୁଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ସାନ୍ତାଳୀ ବହୁଭାଷୀ ଶିକ୍ଷକ ମଧ୍ୟ ଅଲଚିକି ଲିପି ଶିକ୍ଷାକୁ ବହୁଭାଷୀ ଶିକ୍ଷା ଯୋଜନାରେ ସାମିଲ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ୨୦୨୦ ମସିହାରେ ସାନ୍ତାଳୀ ଲିପିରେ ଅଙ୍ଗନବାଡ଼ି କେନ୍ଦ୍ରରେ ଘରେ ଘରେ ଅରୁଣିମା ଶିକ୍ଷା ପ୍ରଚଳନ କରିଛନ୍ତି। ଏଥିସହ ରାଜ୍ୟ ସରକାର ୫ ବର୍ଷ ପୂର୍ବରୁ ୮ମ ସୂଚୀରେ ସାମିଲ୍ ଥିବା ସାନ୍ତାଳୀ ମାତୃଭାଷାର ବିଦ୍ୟାର୍ଥୀଙ୍କ ପାଇଁ ଏକୀକୃତ ୟୁଡିଆଇଏସ୍‌ଇ ଯୋଜନାରେ ପଥ ଉନ୍ମୁକ୍ତ ରଖିଛନ୍ତି। ସାନ୍ତାଳୀ ମାତୃଭାଷାର ବିଦ୍ୟାର୍ଥୀଙ୍କୁ ଏକୀକୃତ ୟୁଡ଼ିଆଇଇସ୍‌ଇଟି ଯୋଜନାରେ ସାମିଲ କରିବା ନିମନ୍ତେ ଆସେକା ଶାଖା ସମ୍ପାଦକ ଦୁଖୁରାମ ମୁର୍ମୁ, ଉପସଭାପତି ଲକ୍ଷ୍ମଣ ଟୁଡୁ, ସହ ସମ୍ପାଦକ ଶିତଲ୍ ସୋରେନ୍, ବାସ୍ତା ମାର୍ଣ୍ଡି ପ୍ରମୁଖ ଜାମଦା ବିଇଓ ସଦାନନ୍ଦ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବାରିପଦା ସହର ଯୁବ ଛାତ୍ର ନିର୍ବାଚନ ପ୍ରସ୍ତୁତି ବୈଠକ

ବାରିପଦା, ୨୭।୪(ସମିସ): ଶୁକ୍ରବାର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଯୁବଛାତ୍ରଙ୍କୁ ନେଇ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ




ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୁବ ବିଜେଡି ସଭାପତି ଅରୁଣ ବରାଳ ଏବଂ ଛାତ୍ର ସଭାପତି ସୁନିଲ ନାୟକ ସମେତ ବାରିପଦା ପୌର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବିଧାନସଭା ପ୍ରାର୍ଥୀ ସାନନ୍ଦ ମାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବାରିପଦା ସହରର ସମସ୍ତ ଯୁବ ଛାତ୍ରଙ୍କୁ ସଂଗଠିତ କରିବା ସହ ଏକ ବିଶାଳ ସମାବେଶ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବାରିପଦା ସହରରେ ଦୁଇ ବର୍ଷରେ ହୋଇଥିବା ବିକାଶ, ସାଧାରଣ ଜନତାଙ୍କୁ ବିଜୁ ଜନତା ଦଳ ପ୍ରତି ଆକୃଷ୍ଟତା ବଢ଼ିଛି ଏବଂ ଯୁବ ଛାତ୍ର ୱାର୍ଡ ସ୍ତରରେ ସମସ୍ତ ପରିବାରକୁ ଭେଟିବା ସହ ସେମାନଙ୍କ ସାହିରେ କି କି ଉନ୍ନତି ହୋଇଛି ସେ

## ଗାନ୍ଧୀ ଗୁରୁକୁଳରେ ଗାନ୍ଧିଆନ ସମ୍ମିଳନୀ

# ବନବାସୀ ଓ ଆଦିବାସୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ

ରସଗୋବିନ୍ଦପୁର, ୨୭।୪(ସମିସ): ଅନ୍ତ୍ୟୋଦୟ ଚେତନା ମଣ୍ଡଳ, ଓଡ଼ିଶା, ଆନୁକୂଲ୍ୟରେ ରସଗୋବିନ୍ଦପୁର ଗାନ୍ଧୀ ଗୁରୁକୁଳ ପରିସରରେ ରାଧାକୃଷ୍ଣ ଜୀଙ୍କ ଉଦ୍ଦେଶ୍ୟରେ ଏକ ବିରାଟ ଗାନ୍ଧିଆନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦେଶର କୋଣଅନୁକୋଣରୁ ବହୁ ବିଶିଷ୍ଟ ଗାନ୍ଧୀଆନ ଉପସ୍ଥିତ ରହି ନିଜ ନିଜର ମତବ୍ୟକ୍ତ କରିଥିଲେ। ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ନିର୍ଦ୍ଦେଶକ ଡାକ୍ତର ଆଦିତ୍ୟ ଭାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ମୁଖ୍ୟଅତିଥି ପଦ୍ମଶ୍ରୀ ତୁଳସୀ ମୁଣ୍ଡା ନିଜ ବକ୍ତବ୍ୟରେ ପାହାଡ଼ ପର୍ବତ ଗିରିଗୁମ୍ଫାରେ ଦୟନୀୟ ଅବସ୍ଥାରେ ବସବାସ କରୁଥିବା ବନବାସୀ ଓ ଗିରିବାସୀ, ଆଦିବାସୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼କ୍ଟର ବ୍ରଜ ଭାଇ, ପ୍ରଫେସର ଶୋଭନା ରାଧାକୃଷ୍ଣ ନୂଆଦିଲ୍ଲୀ, ପ୍ରଫେସର ମନୋଜ କୁମାର, ମିଷ୍ଟର




ଗୋପୀମୁରଲୀ ଆନ୍ଧ୍ରପ୍ରଦେଶ, କୁମାର ରଞ୍ଜନ ଝାରଖଣ୍ଡ, ଟିକେନ୍ଦ୍ର ଭାଇ ମଣିପୁର, ଉପେନ୍ଦ୍ର ଭାଇ ଗୟା, ଚନ୍ଦନ ପାଳ ପଶ୍ଚିମବଙ୍ଗ, ବିଶ୍ୱଜିତ ଘଡେଇ ପ୍ରମୁଖଙ୍କ ସହିତ ବହୁ ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ବୁଦ୍ଧିଜିବୀ ଯୋଗଦେଇଥିଲେ।

